**ସଂକ୍ଷେପରେ**

## ଖଣ୍ଡାରେ ଆକ୍ରମଣ ୩ ଯୁବକ ଗୁରୁତର

**କବିସୂର୍ଯ୍ୟନଗର, ୧୭।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଏନ୍ଏସି ଲୋକନାଥ ବଜାରରେ ରବିବାର ରାତିରେ ୩ଜଣ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଗୋଡାଇ ଗୋଡାଇ ଖଣ୍ଡାରେ ହାଣିଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କୃଷ୍ଣ ମାଝୀଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ପାଟପୁର ଥାନା କଙ୍କରଡା ଗ୍ରାମର ସୀମାଞ୍ଚଳ ବିଷୋୟୀ (୩୩), କୃଷ୍ଣ ମାଝି (୨୫) ଲୋକନାଥ ବଜାରରେ ଏକ ଦୋକାନରୁ ଅଣ୍ଡା ଓମ୍ଲେଟ୍ ଖାଉଥିଲେ। ଏହି ସମୟରେ ୨ଟି ବାଇକରେ ୫ରୁ ୬ ଜଣ ଦୁର୍ବୃତ୍ତ ଆସି ଖଣ୍ଡା ଓ ହକି ଷ୍ଟିକ୍‌ରେ ସୀମାଞ୍ଚଳ ଓ ଲୋକନାଥଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା କବିସୂର୍ଯ୍ୟନଗର ଲକ୍ଷ୍ମଣ ସେଠୀ ମଧ ଆକ୍ରମଣର ଶିକାର ହୋଇଥିଲେ। ଘଟଣାପରେ ଦୁର୍ବୃତ୍ତମାନେ ବାଇକ ଧରି ଚମ୍ପଟ ମାରିଥିଲେ। ପାରିବାରିକ କଳହକୁ ନେଇ ଶଶୁର ଘର ଲୋକେ ଏହି ଆକ୍ରମଣ କରିଥିବା ସୀମାଞ୍ଚଳଙ୍କ ପୋଲିସକୁ କହିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଘଟଣାପରେ ଭୟରେ ଅଞ୍ଚଳରେ ଦୋକାନ ବଜାର ବନ୍ଦ ହୋଇଯାଇଛି। ଗଣ୍ଡଗୋଳ ଆଶଙ୍କାରେ ବଜାରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନୀଳାମ୍ବରପଲ୍ଲୀରେ ବିକାଶ ଅପହଞ୍ଚ

**ଉମାଚରଣ କର**
**ପାତ୍ରପୁର ୧୭।୧୧(ଡ଼ିଏନଏ)**

ବ୍ରିଟିଶ ଅମଳର ଗାଁ, ହେଲେ ବିକାଶ ଅପହଞ୍ଚ। ଏଭଳି ଏକ ଗାଁ ରହିଛି ପାତ୍ରପୁର ବ୍ଲକ ଆମ୍ବପୁର ପଞ୍ଚାୟତରେ। ଜରଡ଼ା ରାଜାଙ୍କ ବଂଶଧରମାନେ ଦେଶ ସ୍ୱାଧୀନ ହେବା ବହୁ ପୂର୍ବରୁ ଜରଡ଼ାଗଡ଼ ନିକଟରେ କେତେକ ପ୍ରଜାଙ୍କ ପାଇଁ ବସତି ସ୍ଥାପନ କରି ଗ୍ରାମର ନାମ ନୀଳାମ୍ବରପଲ୍ଲୀ ରଖିଥିଲେ। ବର୍ତ୍ତମାନ ଗାଁରେ ୨୫ରୁ ଉର୍ଦ୍ଧ୍ୱ ଆଦିବାସୀ ତଥା ଶବର ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ଗାଁ ପରିମଳ ସହ ପରିବେଶ ପରିଛନ୍ନତା ଥିଲେ ମଧ ଗାଁର ବିକାଶ ହୋଇପାରିନାହିଁ। ପଡୋଶୀ ଗାଁର ବିକାଶ ଦେଖିଲେ ନୀଳାମ୍ବରପଲ୍ଲୀକୁ ପ୍ରଶାସନ ଭୁଲି ଯାଇଥିବା ମନେହୁଏ। ଏତେ ବର୍ଷର ପୁରୁଣା ଗାଁ ହେଲେବି ପକ୍କା ରାସ୍ତାଟିଏ ନାହିଁ। ଦାମୋଦରପଲ୍ଲୀ ଠାରୁ ଏହି ଗ୍ରାମକୁ ମାଟି ରାସ୍ତା ଥିଲେ ମଧ ତାହା ମରଣଯନ୍ତା ପାଲଟିଛି। ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ଲାଗି ପ୍ରାଥମିକ ବିଦ୍ୟାଳୟ ରହିଛି। ମାତ୍ର ନାରାୟଣ ସାଗରର ଏକ ନାଳ ଯୋଗୁ ପିଲାମାନେ ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟ ଆସୁଛନ୍ତି। ଉକ୍ତ ନାଳ ଉପରେ ୨ଟି ସିମେଣ୍ଟ ହ୍ୟୁମ୍‌ପାଇପ ପକାଇ ତା'ଉପରେ ବିଦ୍ୟୁତ୍ ଖୁଣ୍ଟ ରଖି ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯିବା ଆସିବା କରୁଛନ୍ତି। ବର୍ଷାଦିନେ ପ୍ରଖର ସ୍ରୋତରେ ତା ଉପରେ ବିପଦପୂର୍ଣ୍ଣଭାବେ ଯାଇଥାନ୍ତି। ଗ୍ରାମର ଶିଶୁମାନେ ନରସିଂହପୁରରେ ଥିବା ଅଙ୍ଗନୱାଡି କେନ୍ଦ୍ର କେବେ ଦେଖି



ଗ୍ରାମର ମହିଳାମାନେ ନାଳ ପାରି ହେଉଛନ୍ତି।

ନଥିବାବେଳେ ୫ବର୍ଷ ହେଲେ ସିଧାସଳଖ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଛାଡୁଥିବା ଗ୍ରାମର ମହିଳାମାନେ କହିଛନ୍ତି। ଅଙ୍ଗନୱାଡି କର୍ମୀ ଦୁଇ ତିନି ମାସକୁ ଥରେ ଗ୍ରାମକୁ ଆସି ଅଣ୍ଡା ଓ ଛତୁଆ ଦେଉଥିବା ମହିଳାମାନେ କହିଥିଲେ। ରାସ୍ତା ନଥିବାରୁ ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇପାରୁ ନାହାଁନ୍ତି। ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୧୬ ଜଣ ପିଲାଙ୍କୁ ୨ଜଣ ଶିକ୍ଷକ ଗୋଟିଏ ଭଙ୍ଗା କୋଠରୀରେ ପଢାଉଛନ୍ତି। ଏହି ଗ୍ରାମକୁ ଛାଡ଼ି ସବୁ ଗ୍ରାମର ଲୋକଙ୍କୁ ସୋଲାର ଯୋଗେ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ପିଇବା ପାଣି ମିଳୁଛି। ହେଲେ ଏହି ଗ୍ରାମର ୨୫ ପରିବାର ଏଥିରୁ ବଞ୍ଚିତ। ଗ୍ରାମ ପାଖ ନଳକୂପରୁ ପାଣି ଆଣି ପିଉଛନ୍ତି। ୨୦ରୁ ଉର୍ଦ୍ଧ୍ୱ ପରିବାରକୁ ମୋକୁଡ଼ିଆ କିମ୍ବା ଆବାସ ଯୋଜନା ମିଳିନି। ତିତ୍‌ଲି ବାତ୍ୟାପରେ ମିଳିଥିବା ପାଲ ଟାଙ୍ଗି ଆଦିବାସୀମାନେ ରହୁଛନ୍ତି। ରାସ୍ତା ନଥିବାରୁ ଅବିବାହିତ ପୁଅଙ୍କୁ ପଡ଼ିଶା ଗାଁଲୋକେ ଝିଅ ଦେଉ ନାହାଁନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଠିଆହେଲେ ଜରଡ଼ାର ସ୍ୱାସ୍ଥ୍ୟକେନ୍ଦ୍ର ଦେଖାଯାଉଥିଲେ ମଧ୍ୟ ଦୋଳାରେ ବୁହାହୋଇ ଯିବାକୁ ପଡେ। ପକ୍କା ରାସ୍ତା ତିଆରି ପାଇଁ ଅନ୍ୟ ଗ୍ରାମର ଜଣେ ଲୋକର ଜମି ବାଧକ ସାଜିଥିବା ଜଣାପଡ଼ିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ପାତ୍ରପୁର ବ୍ଲକ**
- ଗାଁରେ ରହୁଛନ୍ତି ୨୫ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର
- ପକ୍କାରାସ୍ତାରେ ବାଧକ ସାଜିଛି ଘରୋଇ ଜମି
- ଭଙ୍ଗା ଘରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର

**ଏମାନେ ଯାହା କୁହନ୍ତି...**

**ଧୋବା ପ୍ରଧାନ(୭୦) ଗ୍ରାମବାସୀ:** ଗ୍ରାମକୁ ରାସ୍ତା ନ ଥିବାରୁ ବର୍ଷକର ୧୦ ମାସ ଗ୍ରାମରୁ କୁଆଡ଼େ ଯାଇ ହେଉନି, ବିଦ୍ୟୁତ୍‌କୁ ଛାଡ଼ି ସବୁଥିରେ ଆମେ ବହୁ ପଛରେ ରହିଛୁ।

**ସନ୍ତୋଷିନୀ ପ୍ରଧାନ, ଗ୍ରାମବାସୀ :** ଗ୍ରାମର ସବୁ ଯୁବକ ଅନ୍ୟ ରାଜ୍ୟରେ ଦାଦନ ଖଟୁଛନ୍ତି। ମହିଳା ମାନେ ପଡ଼ିଶା ଗାଁଲୋକଙ୍କ ଜମିରେ ଖଟୁଛୁ। ଗ୍ରାମରେ କେହି ପାଠୁଆ କିମ୍ବା ଚାକିରିଆ ନାହାନ୍ତି ବୋଲି ପ୍ରଶାସନ ପାଖରେ ଆମ ଅସୁବିଧା ପହଞ୍ଚି ପାରୁନାହିଁ। ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଏହାର ଫାଇଦା ନେଇ ଆମକୁ ଠକୁଛନ୍ତି।

**କୃଷ୍ଣଚନ୍ଦ୍ର ପ୍ରଧାନ, ସରପଞ୍ଚ:** ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଜମି ବାଧକ ସାଜିଛି, ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଛି। ଗ୍ରାମର ୧୦ ଗୋଟି ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇଛି ଖବ୍‌ଶୀଘ୍ର ଘରକାମ ଆରମ୍ଭ ହେବ।

## ପୂର୍ବ ଶତ୍ରୁତାରୁ ହତ୍ୟା, ଅଭିଯୁକ୍ତ ଗିରଫ

**କ.ନୂଆଗାଁ, ୧୭।୧୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ପିପଳପଙ୍ଗା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶୀକାର ହୋଇଛନ୍ତି ଯୋଗେଶ୍ୱର ପ୍ରଧାନ। ଯୋଗେଶ୍ୱର ଓ ତାଙ୍କ ସ୍ତ୍ରୀ ମାଳତୀ ଘର ବାରଣ୍ଡାରେ ବସିଥିଲେ। ନୋଜରା ପ୍ରଧାନଙ୍କ ସହ କେତେଜଣ ବ୍ୟକ୍ତି ଆସି ତାଙ୍କ ସହ ପାଟିତୁଣ୍ଡ ସହ ମାରପିଟ କରିଥିଲେ। ସେମାନେ ଯୋଗେଶ୍ୱରଙ୍କୁ ମାରି ତଳେ ପକାଇ ବେକ ଉପରେ ଠିଆ ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ମାଳତୀ ଚିତ୍କାର କରିବାରୁ ସାହିଲୋକ ରୁଣ୍ଡ ହୋଇଯାଇଥିଲେ। ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଯୋଗେଶ୍ୱରଙ୍କ ପୁଅ ସାରଙ୍ଗଗଡ଼ ଥାନାରେ ଅଭିଯୋଗ କରିଥିଲେ। ନଂ. ୭୯/୧୯ରେ ମାମଲା ରୁଜୁକରି ପୋଲିସ ମୃତଦେହ ଜବତ କରି ବାଲିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ନୋଜରା ପ୍ରଧାନଙ୍କୁ ଗିରଫ କରିଥିବା ଥାନାଅଧିକାରୀ ଅନୀତା କିଡ଼ୋ କହିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ସଡ଼କ ସୁରକ୍ଷା ଲାଗି ସମ୍ବର୍ଦ୍ଧନା

**ଆସିକା, ୧୭।୧୧(ଡି.ଏନ୍.ଏ)**

ଘୁମୁସର ଜିଲା ଭାଜପା ଯୁବ ମୋର୍ଚ୍ଚାର ଆସିକା ନଗର ଏବଂ ହରିଡାପଦର, ବାବନପୁର, ଗୁଣ୍ଡପଡ଼ା ଓ କେନ୍ଦୁପଦର ମଣ୍ଡଳ ପକ୍ଷରୁ ରବିବାର ଆସିକାରେ ଶାନ୍ତି ରକ୍ଷା ଓ ସଡ଼କ ସୁରକ୍ଷା ପାଇଁ ବିଭିନ୍ନ ବ୍ୟକ୍ତିଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ନିକଟରେ ସଡ଼କ ସୁରକ୍ଷା ପ୍ରତି ସଚେତନ ରହି ହେଲ୍‌ମେଟ ପିନ୍ଧି ଏବଂ ରାସ୍ତାର ବାମ ପାର୍ଶ୍ୱରେ ଯାଉଥିବା ବାଇକ୍ ଆରୋହୀଙ୍କୁ ମଧ ଗୋଲାପ ଫୁଲ ଦିଆଯାଇଥିଲା। ଯୁବମୋର୍ଚ୍ଚା ନେତା ଶ୍ରୀନିବାସ ଭଞ୍ଜଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



√ ବରୁଣ ବିଶ୍ୱଭୂଷଣ
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୦.୧୦.୧୯୮୬
ତିରୋଧାନ : ୧୮.୧୧.୨୦୧୭
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା। ଆମକୁ ଏକା ଛାଡି ତୁ ଚାଲିଗଲୁ। ତୋର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ମାଆ, ବାପା ଏବଂ ଆତ୍ମୀୟସ୍ୱଜନ
ଧ-୬୮୦୨୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁବାଷ ଦାସ
ବରଦାସାହି, ବ୍ରହ୍ମବରଦା, ବ୍ଲକ- ରସୁଲପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୦୮।୧୧।୨୦୧୯
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସହେଉ। ଶିକ୍ଷା କ୍ଷେତ୍ରରେ ତୁମର ସାଧନା ଯୁଗଯୁଗକୁ ସ୍ମରଣୀୟ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ତ ରଞ୍ଜନ ଦାସ, ବୋହୂ: କୁଟୁମୀନା ମହାନ୍ତି, ନାତି: ଚିରନ୍‌ଜୀବ୍ ଦାସ, ନାତୁଣୀ: ଚେଲେସା ଦାସ, ଝିଅ, ଜ୍ୱାଇଁ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ପ୍ରିୟଜନଗଣ।
ଧ-୧୫୨୯୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇ. ଶଚ୍ଚିନନ୍ଦନ ଦାସ
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
(ଷଷ୍ଠୀ ମାର୍ଗଶିର ମାସ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ।
ଧ-୧୫୧୬୯

**ତୃତୀୟ ପୁଣ୍ୟତିଥି**



ସ୍ୱର୍ଗତା ମନି ସାମନ୍ତରାୟ
ଆବିର୍ଭାବ: ୧୮।୧୧।୧୯୫୭
ତିରୋଧାନ: ୧୮।୧୧।୨୦୧୬
ମାମି, ଆଜି କି ୩ବର୍ଷ ହେଲା, ଆମକୁ ଛାଡ଼ି ଦିବ୍ୟଧାମକୁ ଚାଲିଗଲ। ତୁମରି ଶିକ୍ଷା, ସଂସ୍କାର ଓ ଅନୁଶାସନକୁ ପାଥେୟ କରି ଆମେ ଆଗେଇ ଚାଲୁଛୁ। ତୁମର ଅମରଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ, ବାସୁଦେବଙ୍କ ପାଖରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ଶ୍ରୀମନ୍ତ, ସନ୍ତୋଷ, ବୋହୂ: ସୁଜାତା, ସୋନାଲି, ଝିଅ: ଶର୍ମିଷ୍ଠା, ଜ୍ୱାଇଁ: ସୁଶାନ୍ତ, ଭଣଜା: ରାଜା, ନାତୁଣୀ: ସୁଶ୍ରୀ, ଶ୍ରୀମା, ସମୃଦ୍ଧି, ଶରନ୍ୟା, ନାତି: ସୂର୍ଯ୍ୟାଂଶୁ, ଶାଶ୍ୱତମନିଷ।
ଧ-୧୫୨୯୫

# ଜୀବିତ ଭାବି ଜୁଇରୁ ନେଲେ ମେଡିକାଲ

**ହାତୀଓଟ/ପୋଲସରା, ୧୭।୧୧**

ଗଞ୍ଜାମ ଜିଲା ପୋଲସରା ବ୍ଲକ ଡୁଙ୍ଗାପଡା ପଞ୍ଚାୟତ କଣିଆପଲ୍ଲୀ ଗ୍ରାମରେ

**ମୃତ ଘୋଷଣା କଲେ ଡାକ୍ତର**

ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ୩୫ ବର୍ଷୀୟା ଯୁବତୀଙ୍କ ମୃତ୍ୟୁପରେ ବନ୍ଧୁପରିଜନ ତାଙ୍କୁ ଦାହ କରିବାକୁ ଶ୍ମଶାନ ନେଇଥିଲେ। ସେଠାରେ ପ୍ରସ୍ତୁତ ହେଉଥିବାବେଳେ ମୃତଦେହର ହାତଟି କୌଣସି କାରଣରୁ ସାମାନ୍ୟ ହଲିଥିଲା। ଏହାପରେ ତାଙ୍କୁ କୋକେଇରୁ ଫିଟାଇ ଆମ୍ବୁଲାନ୍ସ ଯୋଗେ ପୋଲସରା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରକାଶ ଯେ, କଣିଆପଲ୍ଲି ଗ୍ରାମର ଶତ୍ରୁଘ୍ନ ବେହେରାଙ୍କ ୪ ଝିଅ। ପ୍ରାୟ ୧୫ ବର୍ଷ ତଳେ ବାପାଙ୍କ ମୃତ୍ୟୁ ଘଟିଥିଲା। ପରିବାର କହିଲେ ଦୁଃଖୀ ଓ ତାଙ୍କ ୩ ଭଉଣୀ। ବାପା, ମା'ଙ୍କ ମୃତ୍ୟୁପରେ ୪ ଭଉଣୀ ମୂଲଲାଗି ଚଳୁଥିଲେ। ସାନ ମଝିଆଁ ଦୁଃଖୀ (୩୬)ଙ୍କ ଦେହ କିଛିଦିନ ହେଲା ଅସୁସ୍ଥ ଥିଲା। ସେ କାମଧନ୍ଦାକୁ ଯାଇ ନ ପାରି ଘରେ ରହୁଥିଲେ। ରବିବାର ସକାଳ ପ୍ରାୟ ୯ଟାରେ ତାଙ୍କର ମୃତ୍ୟୁ ଘଟିଥିବା ସମ୍ପର୍କୀୟ ଜାଣିବାକୁ ପାଇଥିଲେ। ୩ ଭଉଣୀ, ବନ୍ଧୁବାନ୍ଧବ ଓ ପଡୋଶୀ ମୃତଦେହ କୋକେଇରେ ବାନ୍ଧି ଶ୍ମଶାନକୁ ନେଇଥିଲେ। ସେଠାରେ ଜୁଇ ସଜାଡୁଥିବାବେଳେ ମୃତଦେହର ହାତ କୌଣସି କାରଣରୁ ହଲିଥିଲା। ଉପସ୍ଥିତ ଜଣେ ବ୍ୟକ୍ତି ଏହାଦେଖି କହିବା ପରେ ମୃତଦେହର ନାଡି ପରୀକ୍ଷା କରାଯାଇଥିଲା। ନାଡି ଚାଲୁଥିବା ଅନୁଭବ କରିବା ପରେ ଆମ୍ବୁଲାନ୍ସ ଡାକି ପୋଲସରା ମେଡିକାଲକୁ ମୃତଦେହ ନେଇଥିଲେ। ସେଠାରେ ଡାକ୍ତର ପ୍ରିୟଦର୍ଶନୀ ଆଚାରୀ ପରୀକ୍ଷା କରି ଦୁଃଖୀଙ୍କ ମୃତ୍ୟୁ ଘଟିଥିବା କହିଥିଲେ। ଏପରିକି ମୃତଦେହ ଥଣ୍ଡା ହୋଇଯାଇଥିବାରୁ ପ୍ରାୟ ୩ ଘଣ୍ଟା ତଳେ ମୃତ୍ୟୁ ଘଟିଥିବା କହିଥିଲେ। ଏହାପରେ ପୁଣି ମୃତଦେହକୁ ଶ୍ମଶାନକୁ ଆଣି ଦାହ କରାଯାଇଥିଲା।

ସରପଞ୍ଚ କୁନି ଜେନା ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଘଟଣାଟି ପୋଲସରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଜଳ ନିଷ୍କାସନ ପାଇଁ ଅନୁଧ୍ୟାନ କଲେ ଅଧିକ୍ଷଣ ଯନ୍ତ୍ରୀ

**ଶେରଗଡ଼, ୧୭।୧୧(ଡି.ଏନ.ଏ.)**

**ଶେରଗଡ ବ୍ଲକ**

ଶେରଗଡ଼ ତିନି ଛକରୁ ବର୍ଷା ପାଣି ନିଷ୍କାସନ ନିମନ୍ତେ ପୂର୍ତ୍ତ ବିଭାଗର ଏକ ଟିମ ଶେରଗଡ଼ ଚାରିଛକ, ବାଇପାସ, କଳିଙ୍ଗ ବୈଶ୍ୟ ଭବନ ଛକ ବୁଲି ଦେଖିଥିଲେ। ଉକ୍ତ ଟିମରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବିନୋଦ ପାଢ଼ୀ, ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଢୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମନାଥ ହୋତା ଓ ସହକାରୀ ଯନ୍ତ୍ରୀ ବନୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜଳ ନିଷ୍କାସନ ନିମନ୍ତେ ଶେରଗଡ଼ କଳିଙ୍ଗ ବୈଶ୍ୟ ଭବନ ଛକରୁ ଉଭୟ ପାର୍ଶ୍ୱରେ ଡ୍ରେନ୍ କରି ପାଣି ଛାଡିବା ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ଆସନ୍ତା ୫ଦିନ ମଧରେ ସର୍ଭେ କରାଯାଇ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ। ଉକ୍ତ ନାଳ ନିର୍ମାଣ ନିମନ୍ତେ ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଅଞ୍ଚଳବାସୀ କହିବା ପରେ ଏହି ପଦକ୍ଷେପ ନିଆଯାଇଛି। ଆସନ୍ତା ବର୍ଷାଋତୁରେ ଏହି ସମସ୍ୟା ରହିବ ନାହିଁ ବୋଲି ଅଧିକ୍ଷଣ ଯନ୍ତ୍ରୀ ପାଢ଼ୀ କହିଛନ୍ତି। ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ହୃଷୀକେଶ ପାଢ଼ୀ, ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ପତାଣ୍ଡ ହାଇସ୍କୁଲ ରାଜ୍ୟସ୍ତରରେ ପୁରସ୍କୃତ



ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ।

**ଦିଗପହଣ୍ଡି, ୧୭।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ଅଧୀନ ପତାଣ୍ଡ ଗ୍ରାମରେ ଥିବା ସରକାରୀ ହାଇସ୍କୁଲ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ହାସଲ କରିବାରେ ଏହି ହାଇସ୍କୁଲ ଜିଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଗଣଶିକ୍ଷା ବିଭାଗ ସଚିବ ଚିତ୍ରା ଆରୁଗମ, ୟୁନିସେଫ ମୁଖ୍ୟ ମେନିକା ନିଲସନ, ଏଲିମେଣ୍ଟ୍ରି ଶିକ୍ଷା ନିର୍ଦ୍ଦେଶକ ବିଭୂପ୍ରସାଦ ଷଡ଼ଙ୍ଗୀ, ଓପେପା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଡେପୁଟି ନିର୍ଦ୍ଦେଶିକା ପ୍ରୀତି ପ୍ରତିମା ଭୋଳ ପ୍ରମୁଖଙ୍କ ଗହଣରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବେହେରା, ସହକାରୀ ଶିକ୍ଷକ ସନାତନ ପଟ୍ଟନାୟକ, ପୂର୍ବତନ ଶିକ୍ଷକ ପ୍ରଦୀପ୍ତ ପ୍ରଧାନ, ଶିକ୍ଷୟିତ୍ରୀ ସାବନା ଦାସ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ହାଇସ୍କୁଲକୁ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବାଚସ୍ପତି ଡ.ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ସାକ୍ଷାତ କରି ହାଇସ୍କୁଲର ବିଭିନ୍ନ ଅସୁବିଧା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ପୁରସ୍କାର ହାସଲ କ୍ଷେତ୍ରରେ ଗଞ୍ଜାମ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ସର୍ବଶିକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ଓ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସହଯୋଗ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

## ନାଟକ ମଞ୍ଚସ୍ଥ

**ଗଞ୍ଜାମ, ୧୭।୧୧ (ଡି.ଏନ.ଏ.):** ଗଞ୍ଜାମ ଏନ୍ଏସି ୱାର୍ଡ ନଂ. ୪ ରାଉଳ ସାହିରେ ସାମାଜିକ ନାଟକ 'ବନ୍ଧୁ ବାନ୍ଧିଥିଲି ଲୁହ ସାଥିରେ' ଶନିବାର ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି। ମୁଖ୍ୟଅତିଥି ଭାବେ ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ବେହେରା, ନୀଳକଣ୍ଠ ପଣ୍ଡା, ମଣ୍ଟୁ ରାଉଳ ପ୍ରମୁଖ ମଞ୍ଚାସୀନ ଥିଲେ।

**୮୦ତମ ଜନ୍ମଦିନ ଶୁଭେଚ୍ଛା**



ମାଳତୀ ଲତା ଦାଶ
ଗ୍ରା: ଦୁର୍ଗାପୁର ଗଡ଼ିଯଂଗ, କଟକ
୮୦ବର୍ଷର ଜନ୍ମଦିନ ଉପଲକ୍ଷେ ଆପଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ନୀରୋଗ ରଖନ୍ତୁ।
ଶୁଭେଚ୍ଛା ସହ
ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୦୯

ODISHA
INDIA'S BEST KEPT SECRET.

**Government of Odisha**
**Department of Tourism**

No. 10010 /, Bhubaneswar, Date 16.11.2019

**Expression of Interest (EoI) for Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis**

**No.R:-** Department of Tourism intends to elevate the tourism potential of Chandrabhaga beach by provisioning new tourist facilities and services at the beach through public private participation. In this background, Expression of Interest (EoI) is invited from eligible agencies for the project 'Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis'.

The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from our website **www.odishatourism.gov.in**.

**37001/11/0027/1920** **Sd./- Director, Tourism**

# ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଶିବିର

**ଜି.ଉଦୟଗିରି, ୧୭।୧୧(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଡ୍ରାଇଭିଂ ଲାଇସେନ୍ସ ଦେବା ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଆସନ୍ତା ଡିସେମ୍ବର ୧ରୁ ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ହେବା ଶୁଣି ରବିବାର ଲର୍ନିଂ ଲାଇସେନ୍ସ ପାଇଁ ଲମ୍ବାଧାଡ଼ି ଲାଗିଥିଲା। ଜି.ଉଦୟଗିରି କ୍ୟାମ୍ପରେ ସମୁଦାୟ ୪୯୦ ଜଣଙ୍କୁ ଲର୍ନିଂ ଲାଇସେନ୍ସ ଦିଆଯାଇଛି ବୋଲି ଦାୟିତ୍ୱରେ ଥିବା ପରିବହନ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର

**ବ୍ରହ୍ମପୁର ଅଫିସ୍,୧୭।୧୧:** ହିଲ୍ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ମିଳିଛି । ଭୁବନେଶ୍ୱର ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷକ ରାଧାବଲ୍ଲଭ ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବାବଦରେ ମାନପତ୍ର ଏବଂ ୧୦ହଜାର ଟଙ୍କାର ଚେକ୍ ମିଳିଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଗଣଶିକ୍ଷା ସଚିବ ଚିତ୍ରା ଅରୁମୁଗମ୍, ୟୁନିସେଫ୍ ଓଡ଼ିଶା ମୁଖ୍ୟ ମେନିକା ନିଲ୍ସନ୍, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁପ୍ରସାଦ ଷଡ଼ଙ୍ଗୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଯୋଗଦେଇଥିଲେ । ଏହି ସ୍କୁଲ ସ୍ୱଚ୍ଛ ପାଇଁ ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପରିକି ଗତ କିଛି ବର୍ଷ ହେଲା ବିଦ୍ୟାଳୟକୁ ଘରୋଇ ବିଦ୍ୟାଳୟରୁ ପିଲାମାନେ ଆସି ନାମ ଲେଖାଉଛନ୍ତି । ବୈଷୟିକ ପରାମର୍ଶଦାତା ନିରଞ୍ଜନ ସ୍ୱାଇଁଙ୍କ ପ୍ରେରଣା ଓ ସହକାରୀ ଶିକ୍ଷୟିତ୍ରୀମାନଙ୍କ ସହଯୋଗ ଯୋଗୁ ଏହି ସଫଳତା ମିଳିପାରିଛି ବୋଲି ପ୍ରଧାନ ଶିକ୍ଷକ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସିଆର୍ସିସି କୀର୍ତ୍ତିଶ୍ରୀ ଦାସ ଓ ସମସ୍ତ ସହକାରୀ ଶିକ୍ଷୟିତ୍ରୀମାନେ ପ୍ରଧାନଶିକ୍ଷକ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

### ଗୋଚ୍ଛାପଡ଼ା ବ୍ଲକ ପୁନର୍ଗଠନ ବୈଠକ

**ଫିରିଙ୍ଗିଆ, ୧୭।୧୧:** ଫିରିଙ୍ଗିଆ ବ୍ଲକରେ ମୋଟ ୨୪ ପଞ୍ଚାୟତ। ଗୋଚ୍ଛାପଡା ଫିରିଙ୍ଗିଆ ବ୍ଲକର ଯାଉଛି। ଗୋଚ୍ଛାପଡା ଥାନା ଅଧିନରେ ୧୧ ପଞ୍ଚାୟତ ରହିଛି। ତେଣୁ ଗୋଚ୍ଛାପଡାକୁ ନୂତନ ବ୍ଲକ କରିବାକୁ ଦାବି ଯୋର ଧରିଛି। ଗୋଚ୍ଛାପଡା ବ୍ଲକ ପୁନର୍ଗଠନ କମିଟିର ସଭାପତି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ରହିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଗୋଚ୍ଛାପଡା ବ୍ଲକ ପୁନର୍ଗଠନ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଚ୍ଛାପଡା, କ୍ରାଣ୍ଡିବାଲି, ପକାରୀ, ବାଲନ୍ଦାପଡା, ଲୁଇସିଂ, କୋଏରମାଣ୍ଡୁ, ପାହିରାଜୁ, ସଲାଗୁଡା ଆଦି ଅଞ୍ଚଳର ଲୋକେ ଯୋଗଦେଇ ବ୍ଲକ ଗଠନ ପାଇଁ ଦାବି କରିଥିଲେ। କମିଟି ସଭାପତି କହଁର, ସମ୍ପାଦକ ବିଷ୍ଣୁ ଚରଣ ମଲ୍ଲିକ, ଉପ ସଭାପତି ବିଶ୍ୱରଞ୍ଜନ କହଁର, କୋଷାଧ୍ୟକ୍ଷ ଶମ୍ଭୁ ବାରିକ, କୁଇ ସମାଜ ସଭାପତି ସୁଦର୍ଶନ କହଁର, ସମ୍ପାଦକ ପ୍ରଶାନ୍ତ କହଁର, କୋଷାଧ୍ୟକ୍ଷ ନବ କିଶୋର କହଁର ପ୍ରମୁଖ ସେମାନଙ୍କ ମତ ରଖିଥିଲେ। ୧୯୮୦ରୁ ଗୋଚ୍ଛାପଡାକୁ ବ୍ଲକ କରିବା ପାଇଁ ଦାବି ହୋଇ ଆସୁଛି। ତୁରନ୍ତ ଦାବି ପୂରଣ କରିବାକୁ ସମସ୍ତେ କହିଥିଲେ।

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**କୁକୁଡାଖଣ୍ଡି,୧୭।୧୧(ଡି.ଏନ.ଏ.):** କୁକୁଡାଖଣ୍ଡି ସରସ୍ୱତୀ ଶିଶୁ ମନ୍ଦିରର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସମ୍ପାଦକ ଡି.ଶଙ୍କର ରାଓ ଆଚାରୀ, କୋଷାଧ୍ୟକ୍ଷ ଏ.ନନ୍ଦକିଶୋର ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ପରେ ମଶାଲ ଦୌଡ଼ ସହ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପ୍ରଧାନାଚାର୍ଯ୍ୟ ନାରାୟଣ ସାହୁଙ୍କ ସହ ସମସ୍ତ ଗୁରୁମା ଗୁରୁଜୀ କ୍ରୀଡ଼ା ପରିଚାଳନା କରିଥିଲେ।

### ଜମି ଅଧିଗ୍ରହଣ ପ୍ରତିବାଦରେ ବୈଠକ

**ଖଲ୍ଲିକୋଟ,୧୭।୧୧(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଗୁରାପଲି ଟୋଲଗେଟ ନିକଟରେ ରବିବାର ଜାତୀୟ ରାଜପଥ ପ୍ରଶସ୍ତୀକରଣ ସମୟରେ ହେଉଥିବା ଜମି ଅଧିଗ୍ରହଣ ପ୍ରତିବାଦରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜାତୀୟ ରାଜପଥ ୧୬, ୧୭ ପ୍ରଶସ୍ତୀକରଣ ପାଇଁ ଜମି ଅଧିଗ୍ରହଣ ହେଉଥିବା ଫଳରେ ବହୁ ପରିବାର ବାସହୀନ ହେବେ। ଏଥିପାଇଁ ଗୁରାପଲୀ ଅଞ୍ଚଳର ବହୁ ଘର, ଚାଷଜମି ପୋଖରୀ ଆଦି ଉଚ୍ଛେଦ ହେଉଥିବାର ପ୍ରକାଶ କରି ଜମି ମାଲିକ ସମୂହ ପ୍ରତିବାଦ ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ପ୍ରଫୁଲ୍ଲ ସାହୁ, ଚକ୍ରପାଣି ରାଉତ, ପଦ୍ମ ସାହୁ ଓ ଅରୁଣ ସୁବୁଦ୍ଧିଙ୍କ ସମେତ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ୧୬୫୦ କେଜି ଆବର୍ଜନା ସଂଗ୍ରହ କଲେ ଛାତ୍ରୀଛାତ୍ର

**ଗୋପାଳପୁର,୧୭।୧୧**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ଜିଲା ପ୍ରଶାସନ ତରଫରୁ ସ୍ୱଚ୍ଛ ନିର୍ମଳ ଗୋପାଳପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଚାଲୁ ରହିଥିଲା। ରବିବାର ଏହା ଉଦ୍ଯାପିତ ହୋଇଛି। ଏହି ପରିପ୍ରେକ୍ଷୀରେ ୫୮ ସରକାରୀ ଓ ବେସରକାରୀ ସ୍କୁଲରୁ ଛାତ୍ରୀଛାତ୍ର ସଫେଇରେ ସାମିଲ ହୋଇ ୧୬୫୦ କେଜି ଅଳିଆ ଆବର୍ଜନା ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ରିଜିଓନାଲ ଚିଫ୍ କଞ୍ଜରଭେଟିଭ୍ ଫରେଷ୍ଟ ସୁରେଶ ପନ୍ଥ, ଡୁଡ଼ା ପିଡି ସୁଦାମ ଚରଣ ମଣ୍ଡଳ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରି ସ୍ୱଚ୍ଛତା ବଜାୟ ରଖିବାକୁ ଅତିଥିବୃନ୍ଦ ସଚେତନ କରାଇଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସ୍ୱଚ୍ଛ ଭାରତ, ବାଲ୍ୟ ବିବାହ ରୋକିବା ସମ୍ପର୍କିତ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭି-୨୦୧୯ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦାସପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଗୋପାଳପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ଏଡିଇଓ ବନୀତା ସେନାପତି, ରଙ୍ଗେଇଲୁଣ୍ଡା ବିଇଓ ଡ଼. ପ୍ରଭାତୀ କୁମାରୀ ମହାପାତ୍ର, ଇକୋ ସଂଯୋଜକ ଶଙ୍କର ନାରାୟଣ ବେଜ, ଅର୍ଜୁନ କୁମାର ବିଶ୍ୱାଳ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି ।

**ବେଳାଭୂମି ସଫେଇ ଉଦ୍ଯାପିତ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଚଷା ଭାଇ ମୋ ବୋଲ ଶୁଣ !**
**ବେଳ ଥାଉଁ ଥାଉଁ ବୁଣିବୁ ଧାନ ।**

ପାଗ ଅନୁସାରେ ଚାଷବାସ କରାଯିବା ଉଚିତ୍। ସଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଗଲେ ଚାଷରୁ ଭଲ ଅମଳ ମିଳିବାର ସମ୍ଭାବନା ରହିଥାଏ। ପରନ୍ତୁ ଚାଷକାର୍ଯ୍ୟରେ ହେଳା କଲେ ଲାଭ ପରିମାଣ କମିଯାଇଥାଏ। ସଅଳ ଧାନ ବୁଣିବା ଲାଭପ୍ରଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ଅବୁଝାମଣା ରାଇଜରେ ପାଳବିଣ୍ଡା ମନ୍ତ୍ରୀ,**
**ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳାଇବା ଏ ରାଇଜ, କୋଦିଣ୍ଡା ବୁଝାମଣା ।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତାଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଶ୍ରୀମାଙ୍କ ମହାପ୍ରୟାଣ ଦିବସ ପାଳିତ


ସଭା ପୂର୍ବରୁ ଅତିଥିମାନେ ପ୍ରାର୍ଥନା କରୁଛନ୍ତି।

**ଭଞ୍ଜନଗର,୧୭।୧୧(ଡି.ଏନ.ଏ)**

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ରବିବାର ଶ୍ରୀମାଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଶକ୍ତିପୀଠ ମ୍ୟାନେଜିଂ ଟ୍ରଷ୍ଟି ନିରଦାବାସିନୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାକେନ୍ଦ୍ର ସଭାପତି କୃତିବାସ ବିଶ୍ୱାଳ, ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗନେଇ ଶ୍ରୀମା ଅରବିନ୍ଦଙ୍କ ଜିବନୀ ଉପରେ ଆଲୋଚନା କରିଥିଲେ। ସୁନନ୍ଦା ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମା' ବହି ସଞ୍ଜୁକ୍ତା ସାହୁ ଓ ଦୁର୍ଗାସ୍ରୋତ ରତ୍ନମଞ୍ଜରୀ ପଣ୍ଡା ପଠନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରମେଶ ବେହେରା, ସରୋଜ ବେହେରା, ଜୟରାମ ସ୍ୱାଇଁ, ଖେଳାବତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅଳିଆ ଫିଙ୍ଗି ଚାଲିଗଲେ
# କଲେଜ ଛାତ୍ରୀଛାତ୍ର ସଫେଇ କଲେ


ସଫେଇ ଚାଲିଛି।

**ଭଞ୍ଜନଗର,୧୭।୧୧(ଡି.ଏନ.ଏ.)**

ବିଭିନ୍ନ ସମୟରେ ବିଭିନ୍ନ ଧର୍ମାନୁଷ୍ଠାନରେ ଉତ୍ସବ ହେଉଛି। ଉତ୍ସବ ସମୟରେ ଲୋକେ ପରିବେଶ କଥା ଭୁଲିଯାଇ ଏଣେତେଣେ ଅଳିଆ ଫିଙ୍ଗି ଚାଲିଯାଉଛନ୍ତି। ଏହାପରେ ଉକ୍ତ ମଇଳାକୁ କିଏ ସଫା କରିବ ତାହା ମୁଖ୍ୟ ସମସ୍ୟା ହୋଇଥାଏ। ଚଳିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ନିକଟସ୍ଥ ବୁଢ଼ାକେନ୍ଦୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଲୋକେ ପଲିଥିନ, ବଳକା ଖାଦ୍ୟପଦାର୍ଥ ଆଦି ଏଠାରେ ଫିଙ୍ଗି ଚାଲିଯାଇଥିଲେ। ୨ଦିନ ପର୍ଯ୍ୟନ୍ତ କେହି ସଫା ନ କରିବାରୁ ଶେଷରେ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଶନିବାର ମନ୍ଦିର ପରିସରକୁ ସଫେଇ କରିଥିଲେ। ଛାତ୍ରୀଛାତ୍ରଙ୍କ ଏହିଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରିଥିଲେ। ଯୁବ ରେଡ଼କ୍ରସ ଜିଲା ସଂଯୋଜକ ବି.ଗୋବିନ୍ଦ ରାଓଙ୍କ ନେତୃତରେ ଏହି ସଫେଇ ହୋଇଥିଲା।

## ଟ୍ରେଲର ଚାପାରେ ସାଇକେଲ ଆରୋହୀ ମୃତ

**ଖଲ୍ଲିକୋଟ,୧୭।୧୧(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଡିମିରିଆ ଛକରେ ରବିବାର ସନ୍ଧ୍ୟାରେ ଏକ ଟ୍ରେଲର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନା ପ୍ରକାରେ ଡ଼ିମିରିଆ ଗ୍ରାମର ଗୋଦାବରୀ ପାଣିଗ୍ରାହୀ (୬୦) ପାଳଧୁଆ ଗ୍ରାମରେ ଥିବା ଶିବ ମନ୍ଦିରରେ ପୂଜା ସାରି ଡିମିରିଆକୁ ଫେରୁଥିଲେ। ବ୍ରହ୍ମପୁରରୁ ଭୁବନେଶ୍ୱର ଯାଉଥିବା ଏକ ଟ୍ରଲର(ନଂ ଏପି୧୬ଡିୱାଇ୯୫୯୪) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୋଦାବରୀଙ୍କ ମୃତ୍ୟୁ ହୋଇଛି। ଖଲ୍ଲିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଗାଡ଼ି ଓ ଡ୍ରାଇଭରଙ୍କୁ ଅଟକ ରଖିଛି।

## ରକ୍ତଦାନ ଶିବିର, ୧୦୧ ୟୁନିଟ ରକ୍ତ ସଂଗ୍ରହ

**ଫିରିଙ୍ଗିଆ, ୧୭।୧୧**

ଗୋଚ୍ଛାପଡା ପଞ୍ଚାୟତ ଗାଁ କଲ୍ୟାଣ ସମିତି ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଚ୍ଛାପଡା, କ୍ରାଣ୍ଡିବାଲି, ପକାରୀ, ସଲାଗୁଡା, ପଲାବୃଡି ପଞ୍ଚାୟତ ଲୋକେ ଆସି ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସାରତୀ ମଲ୍ଲିକ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡା. ପ୍ରିୟ ରଞ୍ଜନ ସାହୁ, ଫାର୍ମାଶିଷ୍ଟ ପ୍ରଶାନ୍ତ କୁମାର ସାହୁ, ସୁପରଭାଇଜର ସନ୍ତୋଷ କୁମାର ସେଠୀ, ଗୋଚ୍ଛାପଡା ଫରେଷ୍ଟର ପ୍ରଶାନ୍ତ କୁମାର ସାହୁ, ରକ୍ତଦାତା ଭି.ଲୋକନାଥ ରାଜୁ, ଏଏନ୍ଏମ୍ ବନଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଫୁଲବାଣୀ ରେଡକ୍ରସ ସୋସାଇଟିରୁ ଜୟଦେବ ଘୋଷ, ଏଲଟି ଦେବସ୍ମିତା ରାଉତ ଓ ଲକ୍ଷ୍ମୀଧର ମଣ୍ଡଳ ରକ୍ତ ସଂଗ୍ରହ କରିଥିଲେ।

## ଦୋମୁହାଣି, ବାଙ୍କତରାରେ ସ୍ୱାସ୍ଥ୍ୟମେଳା



ଦୋମୁହାଣିରେ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଛି ।

**ଭଞ୍ଜନଗର,୧୭।୧୧(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ଦୋମୁହାଣି ଓ ଜଗନ୍ନାଥପ୍ରସାଦ ବ୍ଲକ ବାଙ୍କତରାରେ ରବିବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୋମୁହାଣିରେ ପ୍ରାୟ ୬ଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେହିଭଳି ବାଙ୍କତରାରେ ପ୍ରାୟ ୪ଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିସହ ରୋଗୀଙ୍କୁ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଛି। ଯେଉଁ ରୋଗୀଙ୍କର ଅଧିକ ଚିକିତ୍ସା ଆବଶ୍ୟକତା ପଡୁଛି ଅନ୍ୟତ୍ର ଯାଇ ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି। ଡ଼ା ପି.କେ.ଖୁଣ୍ଟିଆ, ଡା.ଅଭିଜିତ୍ ନନ୍ଦ, ଡା.ଶୁଭବ୍ରତ ଲେହ୍, ଡା.ରବି ରଞ୍ଜନ କିଣ୍ଡୋ, ଡା.ଶୈଳେନ୍ଦ୍ର ନାୟକ, ଡା.ଏସ୍.ସି.ବାସା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିଟ୍ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ, ଏମ୍.ପି. ପ୍ରତିନିଧି ଦିବାକର ନାୟକ, ବିପ୍ର ଚରଣ ବାରିକ, ରାଜା ସାହୁ, ଶୂଳପାଣି ଶତପଥୀ, ପଞ୍ଚାନନ ପାଳ, ପ୍ରମୋଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟଯେ, ଡ଼.ଅଚ୍ୟୁତ ସାମନ୍ତ କନ୍ଧମାଳ ଲୋକ ସଭାକୁ ଏମ୍ପି ଭାବେ ନିର୍ବାଚିତ ହେବାପରେ ମାସର ଗୋଟିଏ ରବିବାର ପ୍ରତ୍ୟେକ ବ୍ଲକର ଏକ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର କରିବା ପାଇଁ ଘୋଷଣା କରିଥିଲେ । ଫଳରେ ନିଜ ଦ୍ୱାରା ପ୍ରତିଷ୍ଠିତ କିମ୍ସ ମେଡ଼ିକାଲ କଲେଜ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେଉଛି ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ରାସ୍ତା ଅବରୋଧ

**ଗୋପାଳପୁର,୧୭।୧୧**

**ଶୁଖୁଆ କେନ୍ଦ୍ର ଉଚ୍ଛେଦ**

ସୁକୁଆ କେନ୍ଦ୍ର ଉଚ୍ଛେଦକୁ ନେଇ କେତେକ ମହିଳା ରବିବାର ବିରୋଧ ସହ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି। ଏନ୍ଏସି ଅଞ୍ଚଳରେ ମତ୍ସ୍ୟଜୀବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱାବଲମ୍ବି କରିବା ନିମନ୍ତେ ୨୦୧୩ରେ ଶୁଖୁଆ ପ୍ରସ୍ତୁତ ପାଇଁ ଫ୍ୟାକ୍ଟ୍ରି ନିର୍ମାଣ କରାଯାଇଥିଲା। ୨୦୧୪ରେ ଏହା ଉଦ୍ଘାଟନ କରାଯାଇଥିଲା। ଦୁଇ-ତିନି ମାସ ମଧ୍ୟରେ ମତ୍ସ୍ୟଜୀବୀ ସମ୍ପ୍ରଦାୟର ୩୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହାକୁ ପରିଚାଳନା କରୁଥିଲେ। ଗୋଷ୍ଠୀମାନଙ୍କ ବାଦବିବାଦ ଯୋଗୁ ଉକ୍ତ ୟୁନିଟ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ମେସିନଗୁଡ଼ିକ କଳଙ୍କି ଲାଗିବା ସହ କିଛି ସାମଗ୍ରୀ ଚୋରି ମଧ୍ୟ ହୋଇଯାଇଥିଲା। ଏନ୍ଏସି ପକ୍ଷରୁ ଓଦା ବର୍ଜ୍ୟବସ୍ତୁକୁ ପରିଚାଳନା କରି କମ୍ପୋଷ୍ଟ ପ୍ରସ୍ତୁତ ପାଇଁ କାର୍ଯ୍ୟ ଚାଲୁଥିବା ବେଳେ କେତେକ ମେସିନାରୀ ସାମଗ୍ରୀ କାଟିବା ପାଇଁ ଏନ୍ଏସି କର୍ତ୍ତୃପକ୍ଷ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। କେତେକ ମହିଳା ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଶନିବାର ସନ୍ଧ୍ୟାରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଣି ରବିବାର ମହିଳାମାନେ ବ୍ରହ୍ମପୁର-ଗୋପାଳପୁର ରାସ୍ତା ଅବରୋଧ କରିବାକୁ ଯାଉଥିବା ବେଳେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ସେହି ରାସ୍ତା ଦେଇ ଯାଉଥିଲେ। ରାସ୍ତାରେ ବିଡିଓଙ୍କୁ ଅଟକାଇଥିଲେ। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୋମବାର ମହିଳାମାନେ ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଜଣାପଡ଼ିଛି।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ରାଇକିଆ,୧୭।୧୧(ଡ଼ି.ଏନ.ଏ.)**

କନ୍ଧମାଳ ଜିଲା ରାଇକିଆ ବ୍ଲକରେ ୫ମଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଇକିଆ ସରସ୍ୱତୀ ଶିଶୁ ମନ୍ଦିରର ଆଦ୍ୟାରଶ୍ମି ସାବତ, ଆଶୁତୋଷ ସାବତ, ବିଶ୍ୱରଞ୍ଜନ ପାତ୍ର, ସଂଘମିତ୍ରା ସାହୁ ଏବଂ ୩ୟ ଶ୍ରେଣୀ ବୃତ୍ତିରେ ଦୀପ୍ତିମୟୀ ବିଷୋୟୀ, ଉଷାରାଣୀ ଶତପଥୀ, ଓମ୍ପ୍ରକାଶ ପଣ୍ଡା ସଫଳତା ହାସଲ କରିଥିଲେ। ସମସ୍ତଙ୍କୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳ କୃଷ୍ଣ ମିଶ୍ର ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ହରିହର ସାହୁ ଏବଂ ବିଦ୍ୟାଳୟ ପରିଚାଳନା ସମିତି ତରଫରୁ ଶୁଭେଚ୍ଛା ଜଣାଯିବା ସହ ଆଗକୁ ଅଧିକ ସଫଳତା କିପରି ହାସଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ।


କୃତୀ ଛାତ୍ରୀଛାତ୍ର, ଗୁରୁଜୀ ଗୁରୁମା ବୃନ୍ଦ।

# ୫୫ ପେନ୍ସନ୍ ମାମଲାର ଫଇସଲା

**ବ୍ରହ୍ମପୁର ଅଫିସ୍,୧୭।୧୧**

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ପେନ୍ସନ୍ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ପେନ୍ସନ୍ ସମ୍ପର୍କିତ ବିଭିନ୍ନ ମାମଲାର ଶୁଣାଣି କରାଯାଇଥିଲା। ଅବସର ଗ୍ରହଣ କରିଥିବା ୪୯ ଏବଂ ନିକଟରେ ଅବସର ନେବାକୁ ଥିବା ୬ଜଣ କର୍ମଚାରୀ ଓ ଅଧିକାରୀଙ୍କ ପେନ୍ସନ୍ ମାମଲାର ତୁରନ୍ତ ଫଇସଲା ହୋଇଯାଇଥିଲା। କେଉଁ କାରଣ ଯୋଗୁ ପେନ୍ସନ୍ ମିଳିପାରୁ ନାହିଁ ଏବଂ କଣ ସବୁ ସମସ୍ୟା ରହିଛି, ସେ ସମ୍ପର୍କରେ ସେମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ମାମଲାଗୁଡ଼ିକର ଫଇସଲା କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ୩୦ ମାମଲା ଥିବା ବେଳେ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର ୪, ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଗୋଟିଏ, ଗଞ୍ଜାମର ୬, କବିସୂର୍ଯ୍ୟନଗରର ଗୋଟିଏ, କୁକୁଡ଼ାଖଣ୍ଡିର ଗୋଟିଏ, ପୁରୁଷୋତ୍ତମପୁରର ଗୋଟିଏ, ରଙ୍ଗେଇଲୁଣ୍ଡାର ୬, ସାନଖେମୁଣ୍ଡିର ୫ ମାମଲା ରହିଥିଲା। ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଅଦାଲତରେ ଉପସ୍ଥିତ ଥିଲେ।


ପେନ୍ସନ୍ ମାମଲାଗୁଡ଼ିକର ଶୁଣାଣି କରାଯାଉଛି ।

## ସଂକ୍ଷେପରେ

### ୨ ଚେନ୍ ଲୁଟେରା କୋର୍ଟଚାଲାଣ

କୁକୁଡାଖଣ୍ଡି,୧୭।୧୧(ଡି.ଏନ.ଏ.): ସଦର ଥାନା ନୀଳାଞ୍ଚଳ ନଗରରୁ ଗତ ଗୁରୁବାର ଜଣେ ଅଧ୍ୟାପିକାଙ୍କଠାରୁ ସୁନାଚେନ୍ ଲୁଟ ଉଦ୍ୟମ ମାମଲାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ ଗୁଡସେଡ ରୋଡର ସୁମନଲାଲ ବାହାଦୁର ଓ ପାଣିଗ୍ରାହୀପେଣ୍ଠର ବଳିଆ ସାହୁ। ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ସହ ଗୋଟିଏ ବାଇକ୍ ଜବତ ହୋଇଛି। ଅଧିପିକାଙ୍କ ସ୍ୱାମୀ କେ.ଦିଲୀପ କୁମାର ସୁବୁଦ୍ଧିଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ନଂ. ୩୧୫/୧୯ରେ ମାମଲା ରୁଜୁ କରିଥିଲା।

ପ୍ରକାଶ ଯେ, ସିଟି କଲେଜ ଅଧାପିକା ଅପରାହ୍ନରେ ଘରକୁ ଫେରୁଥିବା ସମୟରେ ୨ଜଣ ଯୁବକ ବାଇକ୍‌ରେ ଆସି ତାଙ୍କ ସୁନାଚେନ ଝାମ୍ପିଥିଲେ। କିନ୍ତୁ ଅଧାପିକା ତଳେ ପଡିଯିବାରୁ ଲୁଟେରାଙ୍କୁ ଚେନ୍ ମିଳିନଥିଲା। ହେଲେ ସେମାନେ ଧରିଥିବା ଏକ ମଦ ବୋତଲରେ ଅଧାପିକାଙ୍କୁ ଆକ୍ରମଣ କରି ମୋବାଇଲ ଫୋନ ଲୁଟି ନେଇଥିଲେ। ଏତଲା ପାଇ ଅତିରିକ୍ତ ଥାନାଧିକାରୀ ବିଶ୍ୱନାଥ ଜାଲି ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ଯାଞ୍ଚ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫଙ୍କ ନାଁରେ ଅନ୍ୟ ଥାନାରେ ଚୋରି, ଡକାୟତି ଆଦି ବିଭିନ୍ନ ମାମଲା ଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି।

### ମଦ ଜବତ, ମହିଳାଙ୍କ ସମେତ ୨ ଗିରଫ

ଦିଗପହଣ୍ଡି,୧୭।୧୧(ଡି.ଏନ.ଏ.): ବେଆଇନ ମଦ ଚାଲାଣ ଅଭିଯୋଗରେ ଦିଗପହଣ୍ଡି ପୋଲିସ ରବିବାର ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ମହୁଡା ବିକାଶପୁର ନିକଟ ବେଲପଡାଗାଁର ସୀତା ମଲ୍ଲିକ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ। ନଂ. ୨୩୪/୧୯ ଓ ୨୩୫/୧୯ରେ ଜାମିନ ନାମଞ୍ଜୁର ହେବାରୁ ଉଭୟ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ଅପରାହ୍ନରେ ପୋଲିସ ଉକ୍ତ ଗାଁରେ ଚଢାଉ କରି ରାସ୍ତାକଡ଼ରେ ମଦ ବିକ୍ରି କରୁଥିବା ପୂର୍ଣ୍ଣଙ୍କ ନିକଟରୁ ୨ ପ୍ଲାଷ୍ଟିକ ବ୍ୟାରେଲରେ ଥିବା ୩୫ ଲିଟର ଏବଂ ସୀତାଙ୍କଠାରୁ ୨୦ ଲିଟର ମଦ ଜବତ କରିଥିଲେ।

### ଶିକ୍ଷକ ସଂଘ ବୈଠକ

ଆସିକା,୧୭।୧୧(ଡି.ଏନ୍.ଏ.): ଆସିକା ବ୍ଲକ ଶିକ୍ଷକ ସଂଘର ଏକ ବୈଠକ ରବିବାର ପାଟଲିଗୁଡା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଶୋକ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୦୧୨ ବ୍ୟାଚର ନିୟମିତ ଶିକ୍ଷକଙ୍କ ସମେତ ବିଭିନ୍ନ ବର୍ଗର ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତୃତୀୟ ମହଙ୍ଗା ଭାର ବକେୟା ପ୍ରାପ୍ୟ ପ୍ରଦାନ, ଉଚ୍ଚଶିକ୍ଷା ପାଇଁ ଅନୁମତି, ଏମ୍ଏସିପି ପ୍ରଦାନ, ୨୦୧୧-୧୨ ବ୍ୟାଚର ଶିକ୍ଷକଙ୍କ ସେବା ପୁସ୍ତିକା ଅପ ଟୁ ଡେଟ କରିବା ଆଦି ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଅର୍ଜୁନ ନାହାକ, ଉପ-ସଭାପତି ଅଶୋକ ମହାପାତ୍ର ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଶିବରାମ ଗୌଡ଼, ବିଶ୍ୱନାଥ ସେଠୀ, ଅମିୟ ସିନ୍ଧୁ ମୁନୀ, କାଳୁ ଚରଣ ଲେଙ୍କାଙ୍କ ସମେତ ବହୁ ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଟ୍ରାଫିକ୍ ନିୟମ ମାନିବାକୁ ଜିଲାପାଳଙ୍କ ପରାମର୍ଶ

# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରୁଥିବା ୬ ଜଣ ସମ୍ବର୍ଦ୍ଧିତ

ଛତ୍ରପୁର,୧୭।୧୧(ଡି.ଏନ.ଏ)

ଗଞ୍ଜାମ ଜିଲାସ୍ତରୀୟ ବିଶ୍ୱ ସଡକ ଦିବସ ରବିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଜିରୋ କାଜୁଆଲଟି ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ୟାନ୍‌ସର, ଏଡ୍‌ସ ରୋଗୀଙ୍କ ତୁଳନା ଦୁର୍ଘଟଣାରେ ଅଧିକ ଲୋକଙ୍କ ମୃତ୍ୟୁ ହେଉଥିବା ଜିଲାପାଳ କହିଥିଲେ। ବେପରୁଆ ଓ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇବା, ସଚେତନତାର ଅଭାବ ଓ ହେଲମେଟ୍ ନ ପିନ୍ଧିବାରୁ ଦୁର୍ଘଟଣା ଘଟୁଛି। ଏଥିଲାଗି ଟ୍ରାଫିକ ନିୟମ ମାନିବାକୁ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାପାଳ ଆହୁରି କହିଥିଲେ, ଜାତୀୟ ରାଜପଥରେ ଦୁର୍ଘଟଣା ଅଧିକ ଘଟୁଛି। ଏଥିଲାଗି ଏନଏଚଏଆଇକୁ ଏଥିରେ ସୁଧାର ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏନଏଚଏଆଇ ପକ୍ଷରୁ



ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ନୂଆ କାମ ଚାଲିଛି। ସରିଲେ ଆହୁରି ଦୁର୍ଘଟଣା କମିଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଗଞ୍ଜାମ ଆରଟିଓ ସଞ୍ଜୟ ବିଶ୍ୱାଳ କହିଥିଲେ। ୨୦୧୮ରେ ଭାରତରେ ଦୁର୍ଘଟଣାରେ ୧ ଲକ୍ଷ ୫୫ ହଜାର ଲୋକଙ୍କ ପ୍ରାଣହାନି ଘଟିଥିବାବେଳେ ଓଡିଶାରେ ୪ ହଜାର ୬୦୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଅପରପକ୍ଷରେ ଗଞ୍ଜାମ ଜିଲାରେ ଦୁର୍ଘଟଣାରେ ୩୬୦ ଜଣଙ୍କର ମୃତ୍ୟୁ ହୋଇଥିବା ଆରଟିଓ ବିଶ୍ୱାଳ ସୂଚନା ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୭ ଜଣ ଯୁବତୀଙ୍କୁ ଡ୍ରାଇଭିଂ ଟ୍ରେନିଂ ଦିଆଯାଉଛି। ଟ୍ରେନିଂ ସରିବା ପରେ ଗାଡି ଚଳାଇବା ପାଇଁ ଏମାନଙ୍କୁ ନିଯୁକ୍ତି ଦିଆଯିବ। ଏଣିକି ମହିଳା ସଂଘ ସଦସ୍ୟାମାନଙ୍କୁ ଗାଡି ଚାଳକ ଭାବେ ନିଯୁକ୍ତି ଦିଆଯିବାର ସୁଯୋଗ ସୃଷ୍ଟି କରାଯିବ ବୋଲି ପୂର୍ବରୁ ଜିଲାପାଳ ସୂଚନା ଦେଇଥିଲେ। ଦୁର୍ଘଟଣାରେ ଆହତମାନଙ୍କୁ ସହାୟତା କାର୍ଯ୍ୟ କରୁଥିବା ୬ ଜଣଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ଖଲ୍ଲିକୋଟ ବ୍ଲକ କୈରାଶିର ଅଞ୍ଜନା ତ୍ରିପାଠୀ, ଛତ୍ରପୁରର କେ. କେଦାର ଶଙ୍କର ରାଜୁ, ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁର ଶ୍ରୀଧର କୁମାର ନାହାକ, ଗଞ୍ଜାମ ଏନ୍ଏସି ପୁଇଁତଳାର ବିଶ୍ୱ ଭୂଷଣ ଦଳାଇ, ଭଞ୍ଜନଗର ଧୁଡୁଆଗାଁର ରାଜେଶ୍ୱରୀ ଗୌଡ

### ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତା

ଓ ଭଞ୍ଜନଗର କନ୍ଧସରଳା ଗାଁର ନାରାୟଣ ନାୟକ। ଏଥିସହ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମ୍ପର୍କୀୟଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇଥିଲା। ମୃତକଙ୍କ ମଧ୍ୟରେ ଗଞ୍ଜାମ ଏନ୍ଏସି ପୁଇଁତଳାର ଶିବ ଶଙ୍କର ବିଶ୍ୱାଳ, ଗଞ୍ଜାମ ଏନ୍ଏସି ସାନସାହିର ଈଶ୍ୱର ପ୍ରଧାନ, ଛତ୍ରପୁରର ଶିବ ଶଙ୍କର ବେହେରା, ସୋରଡାର କାର୍ତ୍ତିକ ସ୍ୱାଇଁ, ସୋରଡା ବରାଡିର ଜିତୁ ପ୍ରସାଦ ପାଢୀ, ପୁରୁଷୋତ୍ତମପୁର ରଣଝାଲିର କେ. ତୃପ୍ତି ଦୋରା, ନରେନ୍ଦ୍ରପୁରର ସମୀର କୁମାର ନାୟକ ଓ ସୋରଡାର ରାକେଶ ଡାକୁଆ ରହିଛନ୍ତି। ବ୍ରହ୍ମପୁର ଟ୍ରାଫିକ୍ ଡିଏସ୍‌ପି ସାର୍ଥକ ରାୟ, ଏମ୍‌ଭିଆଇ ସମୀର ଦଳାଇଙ୍କ ସମେତ ଡ୍ରାଇଭିଂ ତାଲିମ ଅନୁଷ୍ଠାନ ଛାତ୍ର ଓ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ବ୍ୟାଗ ଝାମ୍ପି ନେବା ଘଟଣା

### ୩ ମାସ ପରେ ବି ଲୁଟେରାଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୧୭।୧୧

ଜଣେ ବରିଷ୍ଠ ନାଗରିକଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିସରରୁ ଦୁର୍ବୃତ୍ତମାନେ ଝାମ୍ପି ନେଇଥିଲେ। ଘଟଣାକୁ ଏବେ ୩ ମାସରୁ ଊର୍ଦ୍ଧ୍ୱ ଦିନ ହେଲାଣି। ବ୍ୟାଙ୍କରେ ଖଞ୍ଜାଯାଇଥିବା ସିସି ଟିଭି ଫୁଟେଜ ପୋଲିସ ସଂଗ୍ରହ କରିଥିଲା। ହେଲେ ଏବେସୁଦ୍ଧା ଅଭିଯୁକ୍ତଙ୍କୁ ଧରିପାରିନାହିଁ। ପ୍ରକାଶ ଯେ, ଅଗଷ୍ଟ ୧୪ ଅପରାହ୍ନ ୪ଟାରେ ଏସ୍‌ବିଆଇ ମୁଖ୍ୟ ଶାଖାରୁ ଜଣେ ବରିଷ୍ଠ ନାଗରିକଙ୍କ ହାତରୁ ଟଙ୍କା ବ୍ୟାଗ ଦୁର୍ବୃତ୍ତ ଝାମ୍ପି ନେଇଯାଇଥିଲେ। ଆଙ୍କୁଲି ଶିଳ୍ପାଞ୍ଚଳର ଜି.ରାଧାକୃଷ୍ଣ ପାତ୍ର ଉକ୍ତ ବ୍ୟାଙ୍କରୁ କୌଣସି କାମ ପାଇଁ ୫୦ ହଜାର ଟଙ୍କା ଉଠାଇ ଗାଡି ପାଖକୁ ଚାଲି ଚାଲି ଆସୁଥିଲେ। ହେଲେ ଦୁର୍ବୃତ୍ତ ଜଣଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଯାଇଥିଲା। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ନଂ. ୧୫୫/୧୯ରେ ଏକ ମାମଲା ରୁଜୁ କରିଥିଲା। ବ୍ୟାଙ୍କରେ ଖଞ୍ଜାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣେ ନାବାଳକ ଏହି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଥିବା ନେଇ ଜଣାପଡିଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର ଅଫିସ,୧୭।୧୧

ଶିବାନନ୍ଦନଗର ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଡ. ସୁରେନ୍ଦ୍ରନାଥ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାମନ୍ଦିର ପରିଚାଳନା ସମିତି ଉପସଭାପତି ଦେବେନ୍ଦ୍ର କୁମାର ପାଢୀ, ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଗୌରୀଶଙ୍କର ପାତ୍ର, ସମ୍ପାଦକ ଯଜ୍ଞନାରାୟଣ ପାଠୀ, ଯୁଗ୍ମ ସମ୍ପାଦକ ଜୟରାମ ସ୍ୱାଇଁ ଓ କେଦାରଚରଣ ପଣ୍ଡା ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଶିଶୁମାନଙ୍କୁ ଶାରୀରିକ କ୍ରୀଡାର ଆବଶ୍ୟକତା ଉପରେ ବୁଝାଇବା ସହ ନିୟମିତ ବ୍ୟାୟାମ, କ୍ରୀଡା ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭିକ ଶ୍ରେଣୀଠାରୁ ଦଶମ ଶ୍ରେଣୀ ଉଭୟ ବାଳିକା ଓ ବାଳକ ବିଭାଗରେ ଉଚ୍ଚଡିଆଁ, ଲମ୍ବଡିଆଁ, ସିଧାଦୌଡ, ଅଖାଡିଆଁ, ଦଉଡିଡିଆଁ ଏହି ଭଳି ପ୍ରାୟ ୩୬ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ମମତା କୁମାରୀ ପଟ୍ଟନାୟକ, ବଳରାମ ସାହୁ, ତନୁଜା ଚୌଧୁରୀ ସହ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଫେବୃୟାରୀ ୭ରୁ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣାମେଣ୍ଟ

ବ୍ରହ୍ମପୁର ଅଫିସ,୧୭।୧୧

୨୦୨୦ ଫେବୃୟାରୀ ୭ରୁ ୯ତାରିଖ ପର୍ଯ୍ୟନ୍ତ ଦଶମ ବିଜୁ ପଟ୍ଟନାୟକ ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ଣାମେଣ୍ଟ ଆୟୋଜିତ ହେବ। ରବିବାର ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଅଧକ୍ଷତା କରିଥିଲେ। ଚଳିତ ବର୍ଷ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ରେ ଏହି ଟୁର୍ଣାମେଣ୍ଟ ଆୟୋଜନ କରାଯିବ। ଟୁର୍ଣାମେଣ୍ଟ ନିମନ୍ତେ ୯ଲକ୍ଷ ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରାଯାଇଥିବା ସାଂଗଠନିକ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଜଣାଇଥିଲେ। ଚଳିତ ବର୍ଷ ରାଜ୍ୟ ଏବଂ ବାହାରର ୧୦ଦଳ ଏଥିରେ ଭାଗନେବେ। ପ୍ରସ୍ତୁତି ବୈଠକରେ ଟୁର୍ଣାମେଣ୍ଟ ଚେୟାର୍‌ମ୍ୟାନ୍ ତଥା ବିଧାୟକ ବିକ୍ରମ ପଣ୍ଡା, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଅଶୋକ କୁମାର ସାହୁ, ତାରିଣୀ ଚରଣ ସାମନ୍ତରାୟ, ଆର୍. ମୁରଲୀ ମୋହନ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଶରତ ମହାପାତ୍ର, ଅମିତ ଦାସ, ଦୀପକ ମଙ୍ଗରାଜ, ସିଦ୍ଧାର୍ଥ ଗଙ୍ଗଦେବ, ଅନିସ୍ ବେଗ୍, ତାପସ ସାହୁ, ନଳିନୀ ଦେବଦର୍ଶୀଙ୍କ ସମେତ ବହୁ କ୍ରିକେଟ ପ୍ରେମୀ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଆୟୋଜକମାନେ।

## ଅଣଗେଜେଟେଡ୍ କର୍ମଚାରୀଙ୍କ ବୈଠକ

ବ୍ରହ୍ମପୁର ଅଫିସ୍,୧୭।୧୧

ସ୍ଥାନୀୟ ଏନ୍‌ଜିଓ ହଲ୍‌ରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲା ଶାଖା ପରିବର୍ଦ୍ଧିତ କାର୍ଯ୍ୟକାରୀ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସମୀର କୁମାର ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରିଥିଲେ। ଚେୟାର୍‌ମ୍ୟାନ୍ ସୁଦାମ ପାଣିଗ୍ରାହୀ, ସମ୍ପାଦକ କିରଣ କୁମାର ପାଢୀ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ପାଢୀ ସମ୍ପାଦକୀୟ ବିବରଣୀ ପାଠ ସହ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏବଂ ଦାବିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲାର ବିଭିନ୍ନ ଅନୁବନ୍ଧିତ ସଂଗଠନ କର୍ମକର୍ତ୍ତାମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଣଗେଜେଟେଡ୍ କର୍ମଚାରୀଙ୍କର ବିଭିନ୍ନ ଦାବି ଯଥା ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ, ବକେୟା ୬୦ପ୍ରତିଶତ ଏରିୟର୍ ପ୍ରଦାନ, ନୂତନ ଦରମା ଅନୁଯାୟୀ ଘର ଭଡ଼ା, କେନ୍ଦ୍ରୀୟ ହାରରେ ପ୍ରଦାନ, ବ୍ରହ୍ମପୁରରେ କାର୍ଯ୍ୟରତ କର୍ମଚାରୀଙ୍କୁ ମହାନଗର ଭାବେ ଘରଭଡ଼ା, ସମସ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କୁ ଆର୍‌ଏସିପି ଏବଂ ଏମ୍ଏସିପିରେ ଦରମା ନିର୍ଦ୍ଧାରଣ ଏବଂ ଏଲ୍‌ଟିସି ପ୍ରଚଳନ ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପଦେଷ୍ଟା ଯୋଗେନ୍ଦ୍ର ସେଠୀ, ଉପସଭାନେତ୍ରୀ କ୍ରିଷ୍ଣା କୁମାରୀ, ଜିତେନ୍ଦ୍ର ନାୟକ, ଦିଗାମ୍ବର ପାତ୍ର, ଶ୍ରୀକାନ୍ତ ମହାପାତ୍ର, ଯୁଧିଷ୍ଠିର ଦାସ, ଦୁର୍ଗା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ରାଜେଶ ତାରିଣୀ ଧନ୍ୟବାଦ ଦେଇଥିଲେ।

## ଶିବ ଶଙ୍କରଙ୍କ ଦାୟିତ୍ୱ ନେଲେ ବିକ୍ରମ

ବ୍ରହ୍ମପୁର ଅଫିସ୍,୧୭।୧୧

ଜୁଲାଇ ପହିଲାରେ ତେଲ କଡ଼େଇରେ ପଡ଼ି ପୋଡ଼ିହୋଇ ଯାଇଥିବା ଗଜପତି ଜିଲା କାଶୀନଗର ଅଞ୍ଚଳର ଶିବ ଶଙ୍କର ମିଶ୍ରଙ୍କ ପ୍ରତି ସହାୟତାର ହାତ ବଢ଼ାଇଛନ୍ତି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା। ଅସହାୟ ଅବସ୍ଥାରେ ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ଶିବ ଶଙ୍କର। ପାଖରେ ଚିକିତ୍ସା ପାଇଁ ଅର୍ଥ ନାହିଁ। ଯନ୍ତ୍ରଣା ଅସହ୍ୟ ହେବାରେ ଲାଗିଛି। ତାଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ହାତ ଏବଂ ଶରୀରର ଅନ୍ୟ କେତେକ ସ୍ଥାନ ମଧ୍ୟ ପୋଡ଼ିଯାଇଛି। ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଶିବ ଶଙ୍କର। ତାଙ୍କ ଅସହାୟତା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଶନିବାର ଉପଜିଲାପାଳଙ୍କ ପକ୍ଷରୁ ରେଡକ୍ରସ୍‌ରୁ ୧୦ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଶିବ ଶଙ୍କରଙ୍କ ଅବସ୍ଥା ସମ୍ପର୍କରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ବିଜେଡ଼ି କର୍ମକର୍ତ୍ତାମାନେ ଅବଗତ କରାଇଥିଲେ। ରବିବାର ବିଧାୟକ ପଣ୍ଡା ସିଟି ହସ୍‌ପିଟାଲ୍‌ରେ ପହଞ୍ଚି ଶିବ ଶଙ୍କର ଏବଂ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବିଧାୟକ ପଣ୍ଡା କହିଛନ୍ତି, ଶିବ ଶଙ୍କର ପୂର୍ବରୁ କଟକ ବଡ଼ ମେଡ଼ିକାଲ୍‌ରେ ଚିକିତ୍ସିତ ହୋଇଛନ୍ତି। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଠିକ୍ ଅଛି। ବହୁ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତା ଦେଉଛନ୍ତି। ସିଟି ହସ୍‌ପିଟାଲ୍‌ରେ ଏସି ରୁମ୍ ନାହିଁ। ଏଣୁ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତର ପାଇଁ ଦରକାର ପଡ଼ିଲେ ପଦକ୍ଷେପ ନିଆଯିବ। ଅବସ୍ଥାରେ ଆଉ ଟିକେ ଉନ୍ନତି ହେବା ପରେ ପ୍ଲାଷ୍ଟିକ ସର୍ଜରି କରାଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତାଙ୍କୁ ମାଗଣାରେ ସମସ୍ତ ପ୍ରକାର ଚିକିତ୍ସା ଏବଂ ଔଷଧ ପ୍ରଦାନ କରାଯାଉଛି। ଶିବ ଶଙ୍କର ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନିଆଯିବ ବୋଲି ବିଧାୟକ ପଣ୍ଡା ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡ଼ି ନେତା ଆର୍. ମୁରଲୀ ମୋହନ, ସଂଜିତ ପାଣିଗ୍ରାହୀ ଏବଂ ଦୁର୍ଗା ଚରଣ ପଣ୍ଡାଙ୍କ ସମେତ ବିଜେଡ଼ିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଶିବ ଶଙ୍କରଙ୍କ ସହ ବିଧାୟକ ବିକ୍ରମ ପଣ୍ଡା ଆଲୋଚନା କରୁଛନ୍ତି।

## ଡା. ବିମଳ ପଣ୍ଡାଙ୍କୁ 'ଆୟୁର୍ବେଦ ସେବକ ପୁରସ୍କାର'

ବ୍ରହ୍ମପୁର ଅଫିସ,୧୭।୧୧

ସର୍ବଭାରତୀୟସ୍ତରୀୟ 'ଆୟୁର୍ବେଦ ସେବକ ପୁରସ୍କାର'ରେ ସମ୍ମାନିତ ହୋଇଛନ୍ତି ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ଡା. ବିମଳ କୁମାର ପଣ୍ଡା। ଆୟୁର୍ବେଦ ଚିକିତ୍ସାର ପ୍ରଚାର ପ୍ରସାର ତଥା ଗବେଷଣା କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଗୋଆଠାରେ ଏହି ପୁରସ୍କାରରେ ପୁରସ୍କୃତ କରାଯାଇଛି। ଚଳିତ ମାସ ୧୫ ତାରିଖରେ ଗୋଆର କୋରୱାରରେ ରିଭେଣ୍ଟୋ ଲାଇଫ ସାଇନ୍ସ ଅନୁଷ୍ଠାନ ପକ୍ଷରୁ କର୍ନାଟକର ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ତଥା ବିଶେଷଜ୍ଞ ଡା. ଈଶ୍ୱର ରେଣ୍ଡୀଙ୍କ ସ୍ମୃତିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଭାରତର ୨୦ ଜଣ ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରେ ବିଶେଷଜ୍ଞ ଭାବେ ଡା. ପଣ୍ଡା ଯୋଗଦେଇ ପୁରସ୍କୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଆୟୁର୍ବେଦ ଔଷଧର ମୁଖ୍ୟ ଡା. ବ୍ରହ୍ମାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ତାଙ୍କର ଆୟୁର୍ବେଦ ପ୍ରତି ଏଭଳି ଅବଦାନ ଓ ଗବେଷଣା ପାଇଁ ସେ ଏହା ପୂର୍ବରୁ ବହୁବାର ରାଜ୍ୟ ଓ ସର୍ବଭାରତୀୟସ୍ତରରେ ବିଭିନ୍ନ ଅନୁଷ୍ଠାନ ଦ୍ୱାର ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି।


ଡା. ବିମଳ ପଣ୍ଡାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ଗୋପାଳପୁର ବେଳାଭୂମି ମହୋତ୍ସବ

# ଜାଗା ଚିହ୍ନଟ, ପାର୍କିଂ ବ୍ୟବସ୍ଥା ଚୂଡ଼ାନ୍ତ

ଗୋପାଳପୁର,୧୭।୧୧

ଡିସେମ୍ବର ୨୪ରୁ ଆରମ୍ଭ ହେଉଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ନିମନ୍ତେ ଗୋପାଳପୁର ବେଳାଭୂମିରେ ଜାଗା ଚିହ୍ନଟ କରାଯିବା ସହ ସୁରକ୍ଷା ଓ ପାର୍କିଂ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗୋପାଳପୁର ବିଧାୟକ ଡ଼. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ରବିବାର ଗୋପାଳପୁର ବେଳାଭୂମିରେ ପହଞ୍ଚି ମତ୍ସ୍ୟ ଅବତରଣ କେନ୍ଦ୍ର ପଛପଟେ ଗୋପାଳପୁର ବେଳାଭୂମି ମହୋତ୍ସବ ପାଇଁ ନୂତନ ଜାଗା ଚିହ୍ନଟ କରାଯିବ। ଏଥିସହ ସୁରକ୍ଷା ବ୍ୟବସ୍ଥା ପାର୍କିଂ ନିମନ୍ତେ ତଦାରଖ କରି ଚୂଡ଼ାନ୍ତ ଫଇସଲା କରାଯାଇଥିଲା। ଗାଡ଼ି ପାର୍କିଂ ପାଇଁ ୫ ସ୍ଥାନ ଚିହ୍ନଟ କରାଯାଇଛି। ମହୋତ୍ସବରେ ଜାତୀୟ ଓ ରାଜ୍ୟସ୍ତରର କଳାକାର ଯୋଗଦେବାର କାର୍ଯ୍ୟକ୍ରମ ଥିବା ବେଳେ ପଲ୍ଲିଶ୍ରୀ ମେଳା ମଧ୍ୟ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।


ଜାଗା ଚିହ୍ନଟ କରୁଛନ୍ତି ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ବିଶ୍ୱ ମଧୁମେହ ଦିବସ ପାଳିତ

**ଜି.ଉଦୟଗିରି,୧୭।୧୧(ଡି.ଏନ.ଏ.)**- ଜି.ଉଦୟଗିରି ବ୍ଲକ ରଟିଙ୍ଗିଆସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଗୁରୁବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଅଣାଯାଇପାରିଲେ ଏହି ରୋଗରୁ ମୁକ୍ତି ମିଳିପାରିବ ବୋଲି ଆଲୋଚନା ହୋଇଥିଲା। ପ୍ରଧାନଶିକ୍ଷକ ଚର୍ତ୍ତୁଭୁଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜି.ଉଦୟଗିରି ଆକ୍ସିସ ବ୍ୟାଙ୍କର ଶାଖା ପରିଚାଳକ ଜନ୍ମେଜୟ ସାମନ୍ତରାୟ ମୁଖ୍ୟଅତିଥି ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୋଗ ଓ ପ୍ରାଣାୟମ ଦ୍ୱାରା କିପରି ମଧୁମେହ ରୋଗ ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ କହିଥିଲେ। ଯୋଗ ସମିତିର ମାର୍ଗଦର୍ଶକ ଅଶୋକ କୁମାର ପାତ୍ର, ଶିକ୍ଷକ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

**ଦିଗପହଣ୍ଡି,୧୭।୧୧(ଡି.ଏନ.ଏ.)**-ଦିଗପହଣ୍ଡି ବ୍ଲକ ଜକର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ରହ୍ମପୁର ସ୍ଥିତ ଦୁଇଟି ବେସରକାରୀ ଅନୁଷ୍ଠାନ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ଚୈତନ୍ୟ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ବହୁସଂଖ୍ୟକ ଚକ୍ଷୁ ରୋଗୀଙ୍କ ଆଖି ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇ ପରାମର୍ଶ ଦିଆଯାଇଥିଲା। କଲ୍ଲେଶ୍ୱର ପାଢ଼ୀ ଓ ଜଗନ୍ନାଥ ପାଢ଼ୀ ଶିବିର ପରିଚାଳନା କରିଥିଲେ। ଶିବିରରେ ୧୨ ଜଣ ପରଳ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି।

### ବୁଗୁଡ଼ା ଥାନାରେ ନୂତନ ଆଇଆଇସି

**ବୁଗୁଡ଼ା,୧୭।୧୧(ଡି.ଏନ.ଏ.)**-ବୁଗୁଡ଼ା ଥାନାର ନୂତନ ଆଇଆଇସି ଭାବେ ଚିତ୍ତରଞ୍ଜନ ବେହେରା ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଚମାଖଣ୍ଡି ଥାନାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଆଇଆଇସି ବେହେରା ଶୁକ୍ରବାର ସନ୍ଧ୍ୟାରେ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଆଇଆଇସିଙ୍କୁ ସମ୍ମାନ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଉଦ୍ୟମ କରିବେ ବୋଲି ସେ ସୂଚନା ଦେଇଛନ୍ତି।

### କ୍ଷମତା ଏକ୍ସପ୍ରେସ ଶିବିର

**ପାଟପୁର,୧୭।୧୧(ଡି.ଏନ.ଏ.)**- ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତରେ ଗୁରୁବାର କ୍ଷମତା ଏକ୍ସପ୍ରେସ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ସଙ୍ଗୀତା ବେହେରା ଏହାର ଶୁଭାରମ୍ଭ କରିଥିଲେ। ବିଡ଼ିଓ ଗାୟତ୍ରୀଦତ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ପଞ୍ଚାୟତରେ ଥିବା ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ଡାକ୍ତର ଓ ଟେକ୍ନିସିଆନଙ୍କ ୪ ଜଣିଆ ଟିମ ସହାୟତାରେ ଦିବ୍ୟାଙ୍ଗ ଚିହ୍ନଟ, ଦୃଷ୍ଟି ଓ ବାକଶକ୍ତି ପରୀକ୍ଷା ଆଦି କରାଯିବା ସହ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଡ଼ିଓ, ବ୍ଲକ ଉପାଧକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାଶ ସାହୁ, ସମିତିସଭ୍ୟ ମାଧବ ରାଓ ଦୋରାଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

## ପାଚେରି ନିର୍ମାଣ ଲାଗି ଦାବି

**ବୁଗୁଡ଼ା,୧୭।୧୧(ଡି.ଏନ.ଏ.)**

ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦୀର୍ଘଦିନ ହେଲା ମୁକୁଳା ହୋଇ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପଡ଼ିରହିଛି। ହେଲେ ଏହାର ଚାରିପଟେ ଏଯାଏ ପାଚେରି ନିର୍ମାଣ କରାଯାଉନାହିଁ। ଯାହା ସମସ୍ତଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି। କେବଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ଏହି ଟ୍ରାନ୍ସଫର୍ମର ସ୍ଥାପିତ ହୋଇଛି। ସ୍ୱାସ୍ଥ୍ୟସେବା ପାଇଁ ପ୍ରତ୍ୟେକ ଦିନ ଏଠାକୁ ଶତାଧିକ ରୋଗୀଙ୍କ ଭିଡ଼ ଲାଗୁଛି। ଟ୍ରାନ୍ସଫର୍ମର ଚାରିପଟେ ତାରବାଡ଼ ଥିଲେ ସୁଦ୍ଧା ଉକ୍ତ ଜାଗାରେ ଲଟାବୁଦା ମାଡ଼ି ବିପଦସଙ୍କୁଳ


ମୁକୁଳା ପଡ଼ିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର।

ହୋଇଯାଇଛି। ଅନ୍ୟପଟେ ଏଠାରେ ୧୧ କେଭି ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଛି। ତେଣୁ ଶୀଘ୍ର ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବାକୁ ଦାବି ହେଉଛି। ଶୁକ୍ରବାର କାୟାକଳ୍ପ ଟିମର ସଦସ୍ୟମାନେ ଏଠାକୁ ଆସି ତୁରନ୍ତ ଏହି ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବାକୁ ମେଡିକାଲ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

# ଚାଷୀଙ୍କଠାରୁ କିଣାଯିବ ଡାଲି, ବାଦାମ

**ଛତ୍ରପୁର,୧୭।୧୧(ଡି.ଏନ.ଏ)**

ଗଞ୍ଜାମ ଜିଲାର ଚାଷୀମାନଙ୍କଠାରୁ ମୁଗ, ବିରି, ହରଡ ଡାଲି ଓ ଚିନାବାଦାମ ସରକାରଙ୍କ ପକ୍ଷରୁ ନାଫେଡ୍ ସଂସ୍ଥା କିଣିବ । ଏଥିପାଇଁ ଭାରତ ସରକାର ଦର ନିର୍ଦ୍ଧାରଣ କରିଛନ୍ତି। ଶନିବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏ ସମ୍ପର୍କରେ ଏକ ବୈଠକ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଗ କୁଇଣ୍ଟାଲ ପିଛା ୭୦୫୦ ଟଙ୍କା, ବିରି ୫୭୦୦ ଟଙ୍କା, ହରଡ ୫୮୦୦ ଟଙ୍କା ଓ ଚିନାବାଦାମ ୫୦୯୦ ଟଙ୍କାରେ ଚାଷୀଙ୍କ ଠାରୁ କିଣିବା ପାଇଁ ସରକାର ଦର ଧାର୍ଯ୍ୟ କରଛନ୍ତି। ଜିଲାର ୬ଟି କେନ୍ଦ୍ର ଜରିଆରେ ଚାଷୀଙ୍କ ଠାରୁ ଏହିସବୁ କିଣିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଚାଷୀଙ୍କୁ ସ୍ଥାନୀୟ ପ୍ରାଥମିକ ସେବା ସମବାୟ ସମିତିରେ ପଞ୍ଜୀକରଣ କରିବାକୁ ପଡିବ । ଅନ୍ୟପକ୍ଷରେ ଖୋଲା ବଜାରରେ ଚାଷୀ ଶସ୍ୟ ବିକିଲେ ଅଧିକ ମୂଲ୍ୟ ପାଉଥିବା ଜଣାପଡିଛି। ଖୋଲା ବଜାରରେ ବିରି ୬୮୦୦ ଟଙ୍କା, ହରଡ ୬୭୦୦ ଟଙ୍କା ଓ ଚିନାବାଦାମ ୬୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇପାରୁଛି । ସୂଚନାଯୋଗ୍ୟ, ଜିଲାର ଚାଷୀଙ୍କ ଠାରୁ ମୋଟ ୧୮୧୯ ମେଟ୍ରିକ୍ ଟନ୍ ଡାଲି ଓ ଚିନାବାଦାମ କିଣିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ କୃଷି ଓ ସମବାୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

■ ପାହାଡ଼ରୁ ନାବାଳକଙ୍କ କଙ୍କାଳ ଉଦ୍ଧାର ଘଟଣା

# ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବୁଗୁଡ଼ା,୧୭।୧୧(ଡି.ଏନ.ଏ.)**


ଗିରଫ ଦୁଇ ଅଭିଯୁକ୍ତ।

କେ.ନୂଆଗାଁ ଥାନା ଦିଗବାରିଣୀ ପାହାଡ଼ ନିକଟସ୍ଥ କେରାଣ୍ଡିମାଳ ଜଙ୍ଗଲରୁ ଶୁକ୍ରବାର ବୁଗୁଡ଼ା ପୋଲିସ ଯଜ୍ଞସେନ ଜେନା (୧୫)ଙ୍କ କଙ୍କାଳ ଉଦ୍ଧାର କରିଥିଲା। ଏହି ମାମଲାରେ ଶନିବାର କୃଷ୍ଣଚନ୍ଦ୍ର ଗୌଡ଼ଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର୍ ଥିଲେ। ଶନିବାର ରାତିରେ ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ କେ.ନୂଆଗାଁ ଥାନା ଜେନାପୁର ଚିକିଟିପେଣ୍ଠର ସୁନିଲ ବେହେରା। ହତ୍ୟାରେ ସମ୍ପୃକ୍ତ ଥିବା ଉଭୟ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ମୃତ ଯଜ୍ଞସେନଙ୍କ ମା' ଅଞ୍ଜଳିଙ୍କ ଅଭିଯୋଗ କ୍ରମେ ବୁଗଡ଼ା ପୋଲିସ ନଂ. ୨୬୫/୧୯ରେ ମାମଲା ରୁଜୁ କରିଥିଲା।

ବୁଗୁଡ଼ା ଥାନା ଝୋଲରୀ ଗ୍ରାମର ନାବାଳକ ଯଜ୍ଞସେନ ତାଙ୍କ ଘରକୁ କୃଷ୍ଣଚନ୍ଦ୍ରଙ୍କ ଆସିବାକୁ ବିରୋଧ କରୁଥିଲେ। ତେଣୁ ଗତ ସେପ୍ଟେମ୍ବର ୨ ତାରିଖରେ କୃଷ୍ଣ ଯଜ୍ଞସେନଙ୍କୁ ଅପହରଣ କରି ନେଇ ସେପ୍ଟେମ୍ବର ୫ ତାରିଖରେ କେରାଣ୍ଡିମାଳ ଜଙ୍ଗଲରେ ସାଙ୍ଗ ସୁନିଲଙ୍କ ସହ ମିଶି ପଥରରେ ଛେଚି ହତ୍ୟା କରି ଫୋପାଡ଼ି ଦେଇଥିଲେ। ପ୍ରାୟ ୨ ମାସ ପରେ ବୁଗୁଡ଼ା ପୋଲିସ ଓ କେ.ନୂଆଗାଁ ପୋଲିସ ଜଙ୍ଗଲରୁ ଯଜ୍ଞସେନଙ୍କ କଙ୍କାଳ ଉଦ୍ଧାର କରିଥିଲା।

## ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

# ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଶଙ୍କରାଖୋଲ,୧୭।୧୧(ଡି.ଏନ୍.ଏ.)**

ଟିକାବାଲି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଅଶ୍ୱିନୀ କୁମାର ଦିଗାଳ। ଏ ନେଇ ଟିକାବାଲି ଥାନାରେ ନଂ.୧୦୯/୧୯ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବର୍ଷେ ହେବ ଯୁବତୀଙ୍କ ସହ ଅଶ୍ୱିନୀଙ୍କ ପ୍ରେମ ସମ୍ପର୍କ ଥିଲା। ଗତ ୮ ତାରିଖରେ ଉକ୍ତ ଯୁବତୀଙ୍କ ପାଇଁ ଅନ୍ୟ ଘରରୁ ବିବାହା ପ୍ରସ୍ତାବ ଆସିଥିଲା। କିନ୍ତୁ ଯୁବତୀ ମନା କରିଦେଇଥିଲେ। ଏହା ଜାଣି ଅଶ୍ୱିନୀ ସମ୍ପୃକ୍ତା ଯୁବତୀଙ୍କୁ ଅନ୍ୟ ସ୍ଥାନକୁ ନେଇ ବିବାହା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହାର ୧୨ ଦିନ ପରେ ଯୁବତୀଙ୍କୁ ତାଙ୍କ ଘରେ ଅଶ୍ୱିନୀ ଛାଡ଼ିଦେଇ ବିବାହା ପାଇଁ ମନା କରିଦେଲେ। ଏ ନେଇ ଗ୍ରାମରେ ଏକ ବୈଠକ ବସିଥିଲା। କିନ୍ତୁ କୌଣସି ସମାଧାନ ନ ବାହାରିବାରୁ ଯୁବତୀ ଜଣକ ଶନିବାର ଅଶ୍ୱିନୀଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ।

# ତେଲୁଗୁ ଭାଷା, ଶିକ୍ଷାୟତନ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ପାତ୍ରପୁର,୧୭।୧୧(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଜୟନ୍ତିପୁରସ୍ଥିତ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ତେଲୁଗୁ ଭାଷା ଓ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଫୁଲ୍ଲ ପାଢ଼ୀ ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଦାସରଥୀ ରେଡ୍ଡୀ, ବିଆରସିସି ସୁଶିଳ କୁମାର ପାତ୍ର, ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି, ଜିଲା କ୍ରୀଡ଼ା ଶିକ୍ଷକ ସଂଘ ସଭାପତି ଜନାର୍ଦ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବି. ନୂଆଗାଁ, ଜୟନ୍ତିପୁର, ବରଙ୍ଗ, ସାମନ୍ତିଆପଲ୍ଲୀ, ଗୁଡ଼ିପଦର, ଖମ୍ବାରିଗାଁ ପ୍ରମୁଖ ୭ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଏଥିରେ ତେଲୁଗୁ ଶିକ୍ଷା, ତେଲୁଗୁ ପାଠ୍ୟପୁସ୍ତକ ଓ ତେଲୁଗୁ ଅଞ୍ଚଳର ବିଦ୍ୟାଳୟମାନଙ୍କରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି, ଛାତ୍ରୀଛାତ୍ରଙ୍କୁ ତେଲୁଗୁ ପ୍ରଶ୍ନପତ୍ର, ତେଲୁଗୁ ପାଠ୍ୟପୁସ୍ତକ ପ୍ରଦାନ, ଓଡ଼ିଶା ଛାତ୍ରୀଛାତ୍ର ଆନ୍ଧ୍ର ମୁହାଁ ହେଉଥିବା ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ନିକଟରେ ତେଲୁଗୁ ବିଦ୍ୟାଳୟର ଗୁଡ଼ିକର ବାସ୍ତବ ଚିତ୍ର କିଭଳି ପହଞ୍ଚିବ ସେନେଇ ଜନପ୍ରତିନିଧି, ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ସମ୍ପୃକ୍ତ ଅଞ୍ଚଳରେ ତେଲୁଗୁ ଶିକ୍ଷା ଲୋପ ପାଇବ ଏବଂ ଛାତ୍ରୀଛାତ୍ର ସମୂହ ଆନ୍ଧ୍ର ବିଦ୍ୟାଳୟକୁ ଚାଲିଯିବେ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ୱାଇ. ମୋହନରାଓ, ବି. ବାବୁରାଓ, ଏନ ସାନ୍ତାମ୍ମା, ଭଗବାନ ସେଠୀ, ଆର୍. ଚିନ୍ନାୟା, ସିଆର୍‌ସିସି ଲୋକନାଥ ଦୋରା, ଅଜୟ ପଟ୍ଟନାୟକଙ୍କ ସମେତ ଚିକିଟି ବ୍ଲକର ଶିକ୍ଷକ ଓ ବିଦ୍ୟାଳୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଗଜଲ ଗାଇ ମନ ମୋହିଲେ ଥାନାଧିକାରୀ

**ବାଲିଗୁଡ଼ା,୧୭।୧୧(ଡି.ଏନ୍.ଏ.)**



ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତଗାଇ ପ୍ରଶଂସା ସାଉଁଟିଛନ୍ତି ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା। ପୋଲିସକୁ ଭୟକରି ଲୋକେ ସମସ୍ୟା ନେଇ ଥାନାକୁ ଯିବାକୁ ପଛଘୁଞ୍ଚା ଦେଉଥିବାବେଳେ ବାଲିଗୁଡାରେ ଥାନା ଅଧିକାରୀ କିନ୍ତୁ ଲୋକଙ୍କ ନିକଟତର ହୋଇ ପାରିଛନ୍ତି ଗୀତ ଗାଇ। ଥାନା ଅଧିକାରୀ ବେହେରା ଗତ ୫ ମାର୍ଚ୍ଚ ୨୦୧୯ରୁ ବାଲିଗୁଡା ଥାନା ଦାୟିତ୍ୱ ନେବାଠାରୁ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନା କରିବାସହ ଜନସାଧାରଣଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଉଛନ୍ତି। ଏଥିସହିତ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିବାସହ ଗୀତ ଗାଇ ଅଞ୍ଚଳବାସୀଙ୍କ ମନ ମୋହୁଛନ୍ତି। ବାଲିଗୁଡା ରୟାଲ ପୂଜା କମିଟି ତରଫରୁ ଏକ ମେଲୋଡି କାର୍ଯ୍ୟକ୍ରମରେ ଯୋଗଦେଇ ପୁଣିଥରେ ଜଗଜିତ୍ ସିଂଙ୍କ ଗଜଲ 'ଓ୍ୱ କାଗଜ କି କସ୍ତି, ବାରିଶ କା ପାନି'' ଗୀତଗାଇ ପୁଣିଥରେ ପ୍ରଶଂସା ସାଉଁଟିଛନ୍ତି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଫୁଲବାଣୀ ଅଫିସ, ୧୭।୧୧**

ଫୁଲବାଣୀଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ମନୋରଞ୍ଜନ ରାଉତ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ଉତ୍କଳ କୁମାର ପଟ୍ଟନାୟକ, ଅଧ୍ୟାପକ ବୈକୁଣ୍ଠନାଥ ସ୍ୱାଇଁ, ସମନ୍ୱିତ ଶିକ୍ଷା ସଂଯୋଜକ ସମର ରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନସିକ ରୋଗର କାରଣ, ଉପଯୁକ୍ତ ଚିକିତ୍ସା ଓ ସେବା ସୁଶ୍ରୁଷା ମାଧ୍ୟମରେ ଏହାର ନିରାକରଣ, ସମାଜରେ ମାନସିକ ରୋଗଗ୍ରସ୍ତ ବ୍ୟକ୍ତିଙ୍କ ସ୍ଥାନ ଓ ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିସହ ମାନସିକ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଆବଶ୍ୟକୀୟ ସହାନୁଭୂତି ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଜାପିତା ବ୍ରହ୍ମକୁମାରୀ ଐଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗିନୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ସହିତ ମାନସିକ ଚାପଗ୍ରସ୍ତଙ୍କ ପାଇଁ ରାଜ ଯୋଗର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପରେ ମାନସିକ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗଙ୍ଗାପୁରରେ ସତରଞ୍ଜି ବୈଠକ

**ପାଟପୁର,୧୭।୧୧(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁରରେ ପଞ୍ଚାୟତସ୍ତରୀୟ ସତରଞ୍ଜି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ଗ୍ରାମ୍ୟ ପରିମଳ ପରିଚ୍ଛନ୍ନତା, ପାନୀୟ ଜଳ ଏବଂ ପଞ୍ଚାୟତର ଉନ୍ନୟନ କାର୍ଯ୍ୟସବୁ ଅଧିକାରୀଙ୍କ ଦ୍ୱାରା ତର୍ଜମା କରାଯିବା ସହିତ ଏହାର ସମ୍ପାଦନରେ ଉପୁଜୁଥିବା ବାଧା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପରିମଳ ଯନ୍ତ୍ରୀ ଇଂ.ଶରତ ଚନ୍ଦ୍ର ସାହୁ, ବ୍ଲକ ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ, ସରପଞ୍ଚ ନିତ୍ୟାନନ୍ଦ ପ୍ରଧାନ ଓ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମବାସୀ ଯୋଗଦେଇ ବିଭିନ୍ନ ଆଲୋଚନା କରିଥିଲେ।

# ମୋ ନିବେଦନ, ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ଶେରଗଡ଼,୧୭।୧୧(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ନରେନ୍ଦ୍ରପୁର ଗ୍ରାମରେ ମୋ ନିବେଦନ, ମୋ ଗାଁ ଓ ମୋ ତହସିଲ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ରପୁର ପଞ୍ଚାୟତରେ ଆୟୋଜିତ ମୋ ନିବେଦନ କାର୍ଯ୍ୟକ୍ରମରେ ବିଡିଓ ସୁରଞ୍ଜନ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଏବିଡିଓ ଧରଣୀଧର ଭୂୟାଁଙ୍କ ସଂଯୋଜନାରେ ମୋଟ ୧୪୦ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିଜ ନିଜ ବିଭାଗକୁ ପଠାଇ ଦିଆଯାଇଛି। ଜିପିଓ ବିନାୟକ ପଣ୍ଡା, ଗ୍ରାମସେବକ ସୁଶାନ୍ତ କୁମାର ଗୌଡ଼ ପରିଚାଳନା କରିଥିଲେ।

ସେହିପରି ନରେନ୍ଦ୍ରପୁର ରାଜସ୍ୱ ନିରୀକ୍ଷିକ କାର୍ଯ୍ୟାଳୟରେ ହୋଇଥିବା ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ସୁପ୍ରଭାଇଜର ପି,ପଞ୍ଚମା ଓରାଜସ୍ୱ ନିରୀକ୍ଷିକ ସୁଧାଂଶୁ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏଥିରେ ଜମିଜମା ସମ୍ପର୍କିତ ୧୦୦ରୁ ଅଧିକ ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମରେ ୫ଟି ବିଭିନ୍ନ ପ୍ରମାଣ ପତ୍ର ଓକିଛି ପଟ୍ଟା ବଣ୍ଟନ କରାଯାଇଥିଲା। ନରେନ୍ଦ୍ରପୁର ସରପଞ୍ଚ ବିନୋଦ ବେହେରା, ସମିତି ସଭ୍ୟ ଭାଗ୍ୟଲତା ପାତ୍ର, ବିପିନ ବିହାରି ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ଉପସ୍ଥିତ ଥିଲେ।

■ ବ୍ଲକସ୍ତରୀୟ ପରାମର୍ଶ ଶିବିର

# ଯୋଗଦେଲେ ୬୩୨ ବେକାର ଯୁବତୀଯୁବକ

**ଦାରିଙ୍ଗବାଡ଼ି,୧୭।୧୧(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର ବ୍ଲକ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ୨୫ ପଞ୍ଚାୟତର ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଥିବା ୬୩୨ଜଣ ବେକାର ଯୁବତୀ ଯୁବକ ଶିବିରରେ ଯୋଗ ଦେଇଥିଲେ। ବିଭିନ୍ନ ଘରୋଇ କମ୍ପାନୀର କର୍ମଚାରୀମାନେ ମଧ୍ୟ ଯୋଗଦାନ କରି ବେକାର ଯୁବତୀଯୁବକଙ୍କୁ ପରାମର୍ଶ ପ୍ରଦାନ କରିଛନ୍ତି। ସେମାନଙ୍କୁ ଦକ୍ଷତା ଭିତ୍ତିକ ତାଲିମ ସହ ନିଶ୍ଚିତ ଚାକିରୀ ପ୍ରଦାନ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ତାଲିମ ପାଇବାପରେ ସେମାନଙ୍କୁ ଗ୍ରାମୀଣ ଭାରତ ଦକ୍ଷତା ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦାରିଙ୍ଗବାଡ଼ି ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଓଆରଏମଏଏସ୍‌ର ସରକାରୀ ନିର୍ଦ୍ଦେଶକ ଡି.ପି ଭୂୟାଁ, ଜିଲା ସଂଯୋଜକ ଭବାନୀ ଶଙ୍କର ଦାସ, ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନୀ, ଓଡ଼ିଶା ଜିବୀକା ମିଶନର ବିପିଏମ ଅକ୍ଷୟ କୁମାର ପ୍ରଧାନ, ବ୍ଲକ ସଂଯୋଜକ ସୁଦର୍ଶନ ବେହେରା, କାଳିଦାସ ଦିଗାଳ, ସନାତନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।



ଶିବିରରେ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ଅନ୍ୟମାନେ।

# ବୁଗୁଡ଼ା ଅଞ୍ଚଳରେ ହାତୀ, ବାର୍‌ହା ପଲଙ୍କ ଉପଦ୍ରବ

## ବ୍ୟାପକ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

**ବୁଗୁଡ଼ା,୧୭।୧୧(ଡି.ଏନ.ଏ.)**

ବୁଗୁଡ଼ା ଅଞ୍ଚଳରେ ହାତୀ ଓ ବାର୍‌ହା ପଲଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଧାନ ଫସଲ କ୍ଷତି ହେଉଛି। ଏନେଇ ଚାଷୀ ଚିନ୍ତାରେ ବସିଛି। ବର୍ତ୍ତମାନ ବୁଗୁଡ଼ା ବନାଞ୍ଚଳରେ ୨ ଅଣ୍ଡିରା ହାତୀ, ୨ ଛୁଆ ଓ ୬ ମାଈ ହାତୀ ଏପରି ୧୦ ହାତୀ ଅଛନ୍ତି। ବର୍ତ୍ତମାନ ଏହି ୧୦ ହାତୀ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ଅଛନ୍ତି। ଶନିବାର ରାତିରେ ମଧ୍ୟ ନୟାଗଡ଼ ଜଙ୍ଗଲରୁ ଆଉ ୮ ହାତୀପଲ ଏଠାକୁ ଆସିଛନ୍ତି। ଏହିପରି ମାଣିତରା ସେନାପତି ଜଙ୍ଗଲରେ ୧୮ ହାତୀ ଥିବା ଜଣାପଡ଼ିଛି। ଦିନସାରା ଏମାନେ ଜଙ୍ଗଲରେ ଥିବା ବେଳେ ରାତି ହେଲେ ପଲ ହୋଇ ଜଙ୍ଗଲ ନିକଟ ଗ୍ରାମରେ ଥିବା ଧାନ ଫସଲ ନଷ୍ଟ କରିଥାନ୍ତି। ଫଳରେ ଗ୍ରାମବାସୀ ଭୟଭିତ ଅଛନ୍ତି। କିଛିଦିନ ତଳେ ଏହି ହାତୀପଲ ଖାଡ଼ପଡ଼ାରେ କନକ ନାୟକଙ୍କ ୧୦


ଜଙ୍ଗଲ ନିକଟରେ ହାତୀପଲ।

ଭରଣରୁ ଊର୍ଦ୍ଧ୍ୱ ଫସଲ କ୍ଷତି କରିଥିବା ଜଣାପଡ଼ିଛି। ସେହିପରି ମାଣିତରା, ମଙ୍ଗଳପୁର, ବେତାରସିଙ୍ଗି, ସୋଲଣ୍ଡି, ଖୋଲଖାଲି, ମୋଟାବାଡ଼ି, ପଟାଧାର ଆଦି ବିଭିନ୍ନ ଗ୍ରାମ ନିକଟସ୍ଥ କିଆରୀରେ ପଶି ପ୍ରାୟ ୫୦ ଚାଷୀଙ୍କ ଶତାଧିକ ଭରଣ ଫସଲ କ୍ଷତି କରିଥିବା ଅଭିଯୋଗ ହୋଇଛି। ବୁଧବାର ରାତିରେ ପଙ୍କଳ ସାହିରେ ମଞ୍ଜୁଳା ଜେନାଙ୍କ ଓ ବେଗୁନିଆରେ ପବନ ନାୟକଙ୍କର ପ୍ରାୟ ୧୦ ଭରଣ ଧାନ ଫସଲ ବାରହା ଉପଦ୍ରବ ଯୋଗୁ କ୍ଷତି ହୋଇଥିବା ଗୁରୁବାର ସେମାନେ ବନାଞ୍ଚଳ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ହାତୀ ଓ ବାରହାଙ୍କୁ ଘଉଡ଼ାଇବା ପାଇଁ ଗ୍ରାମବାସୀଙ୍କ ସହଯୋଗରେ ବନ କର୍ମଚାରୀଙ୍କ ଦ୍ୱାରା ଉଦ୍ୟମ ହେଉଥିଲେ ମଧ୍ୟ ଏହାର ସୁଫଳ ମିଳୁନାହିଁ। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲ ବାବଦକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରେ ବନ୍ୟଜନ୍ତୁଙ୍କୁ ଘଉଡ଼ାଇବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଯେଉଁ ଚାଷୀମାନଙ୍କ ଫସଲ କ୍ଷତି ହୋଇଛି ସେମାନେ ଆବେଦନ କଲେ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ କ୍ଷୀରମଣି

**ପାତ୍ରପୁର,୧୭।୧୧(ଡି.ଏନ୍.ଏ.):** ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆରମ୍ଭ ହୋଇଥିବା ଆମରଣ ଅନଶନ ରବିବାର ଶେଷ ହୋଇଛି। ଜିଲା ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ କ୍ଷୀରମଣୀ ନାୟକ ଓ ତାଙ୍କ ସହଯୋଗୀ ଅନଶନରୁ ଓହରିଛନ୍ତି। ଏଡ଼ିଏମ୍‌ଓ ଜଗଦିଶ ପଟ୍ଟନାୟକ, ସ୍ଥାନୀୟ ବିଡ଼ିଓ ଏବଂ ଦାୟିତ୍ୱରେ ଥିବା ତହସିଲଦାର ମନୋଜ ପ୍ରଭାକର କୁଜୁର ପ୍ରମୁଖ ଉପସ୍ଥିତ ରହି ଏଡ଼ିଏମ୍‌ଓଙ୍କ ଲିଖିତ ପ୍ରତିଶ୍ରୁତି ପରେ ଅନଶନ ଭାଙ୍ଗିଥିଲା। ୨ମାସ ମଧ୍ୟରେ ଦାବି ପୂରଣ ନ ହେଲେ ପୁଣି ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି କ୍ଷୀରମଣି।

ପ୍ରକାଶ ଯେ, ଏହି ବ୍ଲକର ୨୩ ପଞ୍ଚାୟତକୁ ନେଇ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଅଭିଯୋଗ କଲେ ମଧ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆବଶ୍ୟକୀୟ ଶିଶୁ ଓ ଶଲ୍ୟ ବିଭାଗୀୟ ଡ଼ାକ୍ତର ନିଯୁକ୍ତି, ଆମ୍ବୁଲାନ୍ସ ସେବା, ଆଲ୍‌ଟ୍ରାସାଉଣ୍ଡ, ଏକ୍ସ-ରେ ମେଶିନ, ନିରାମୟରେ ସମସ୍ତ ମେଡ଼ିସିନ୍ ମହଜୁଦ ପ୍ରମୁଖ ଦାବି ନେଇ କ୍ଷୀରମଣି ଓ ତାଙ୍କ ସହଯୋଗୀ ୨ ଦିନ ହେଲା ଧାରଣାରେ ବସିଥିଲେ।

### ଜ୍ୱରରେ ଜଣେ ମୃତ

**ପାତ୍ରପୁର,୧୭।୧୧(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ତୁମ୍ବା ପଞ୍ଚାୟତ ସୁନାରିବାଡ଼ ଗ୍ରାମର ଜଣେ ୮ବର୍ଷର ନାବାଳିକାଙ୍କ ଜ୍ୱରରେ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣ ଶବରଙ୍କ ଝିଅ କଳ୍ପନା ଶବର। ଗତ ୨ଦିନ ହେଲା କଳ୍ପନା ଜ୍ୱରରେ ପୀଡିତ ଥାଇ ନିକଟସ୍ଥ ଆନ୍ଧ୍ରର ଏକ ଘରୋଇ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଥିଲେ। ରବିବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି।

# ଦାରିଙ୍ଗବାଡ଼ିରେ ଶୀତ କମିଲା, ପର୍ଯ୍ୟଟକ ନିରାଶ

**ଦାରିଙ୍ଗବାଡ଼ି,୧୭।୧୧(ଡି.ଏନ୍.ଏ.)**

ଓଡ଼ିଶାର କଶ୍ମୀର କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ଚଳିତ ଶୀତଋତୁରେ ପ୍ରଥମ ଥର ପାଇଁ ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି। ଦୈନିକ ପର୍ଯ୍ୟଟକ ଆସୁଥିଲେ ମଧ ରବିବାର ଛୁଟି ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟାରେ ବୃଦ୍ଧି ପାଇଛି। ସୁନ୍ଦର ପରିବେଶ ସାଙ୍ଗକୁ ବଣ,ଜଙ୍ଗଲ, ପାଇନ ବଣ, ଝରଣା, ସୂର୍ଯ୍ୟାସ୍ତ ଦେଖିବାକୁ ସମସ୍ତ ପର୍ଯ୍ୟଟନ କେନ୍ଦ୍ରରେ ସକାଳୁ ଭିଡ଼ ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ ସମେତ ରାଜ୍ୟର ଭୁବନେଶ୍ୱର, କେଉଁଝର, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ଗଞ୍ଜାମ, ଗଜପତି, କଟକ, ବାଲେଶ୍ୱର ଆଦି ଜିଲାରୁ ପର୍ଯ୍ୟଟକ ପହଞ୍ଚି ଶୀତର ମଜା ନେଇଛନ୍ତି। ତେବେ ପାଗ ମେଘୁଆ ଥିବାରୁ ତାପମାତ୍ର ୯.୫ରୁ ବୃଦ୍ଧି ପାଇ ୧୨ ଡିଗ୍ରୀରେ ପହଞ୍ଚିଥିବାରୁ ଶୀତ କମିଛି। ସେଥିପାଇଁ ପର୍ଯ୍ୟଟକ ନିରାଶ ହୋଇଛନ୍ତି। ବହୁ ପର୍ଯ୍ୟଟକ ଡୁଲୁରୀ ପାଇନ ବଣ ସମେତ ଦାସିଂବାଡ଼ିର ମିଡ଼ିୟୁବାନ୍ଦା ଜଳପ୍ରପାତ, କିରୁକୁଟି ନେଚର ଲଭର୍ସ ପଏଣ୍ଟରେ ଭୋଜି କରି ମଜା ନେଇଥିଲେ। ଦାରିଙ୍ଗବାଡ଼ିର ହିଲଭିୟୁ ପାର୍କ ସମେତ ପ୍ରକୃତି ଉଦ୍ୟାନ, କଫି ବଗିଚା, ସାଇଲେଣ୍ଟ ଭ୍ୟାଲି ସମେତ ପର୍ଯ୍ୟଟକମାନେ ସମସ୍ତ ପର୍ଯ୍ୟଟନ କେନ୍ଦ୍ର ବୁଲି ଦେଖିଛନ୍ତି। ସେହିପରି ପଶ୍ଚିମବଙ୍ଗର ଶତାଧିକ ଯୁବ ପର୍ଯ୍ୟଟକ ବାଇକ୍‌ରେ ଆସି ଦାରିଙ୍ଗବାଡ଼ ପହଞ୍ଚିଛନ୍ତି। ସେମାନେ ଗତ କିଛିଦିନ ହେଲା କନ୍ଧମାଳର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ବୁଲିବା ସହ ଦାରିଙ୍ଗବାଡ଼ିରେ ରହି ଶୀତର ମଜା ନେଉଛନ୍ତି।

**ପଶ୍ଚିମବଙ୍ଗରୁ ବାଇକ୍‌ରେ ଆସି ମଜା ନେଉଛନ୍ତି**



ଦାରିଙ୍ଗବାଡ଼ି ହିଲ୍‌ଭିୟୁ ପାର୍କରେ ପର୍ଯ୍ୟଟକଙ୍କ ଭିଡ଼।

# ଫୁଲବାଣୀରେ ଉଦ୍‌ଘାଟନ ହେଲା ସାଇନ୍ସ ପାର୍କ

**ଫୁଲବାଣୀ ଅଫିସ, ୧୭।୧୧**

ଫୁଲବାଣୀରେ ବହୁ ପ୍ରତୀକ୍ଷିତ ସାଇନ୍ସ ପାର୍କ ଅବା ଶିଶୁ ବିଜ୍ଞାନ ପାର୍କ ରବିବାର ଉଦ୍‌ଘାଟିତ ହୋଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲାପାଳ ଡା.ବୃନ୍ଦା ଡି, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ର, ପିଲାମାନଙ୍କୁ ବିଜ୍ଞାନ ସମ୍ବନ୍ଧିତ ଜ୍ଞାନ ଆହରଣ କରିବାକୁ ମିଳିବ। ପିଲାମାନେ ବିଜ୍ଞାନ ବିଷୟରେ ଅଧିକ ଜାଣିବା ପାଇଁ ହିଁ ଏହି ପାର୍କ ନିର୍ମାଣ କରାଯାଇଛି। ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଏହି ପାର୍କରେ ସ୍ଥାନ ପାଇଛି।

ଉକ୍ତ ପାର୍କଟି ପ୍ରତ୍ୟହ ପୂର୍ବାହ୍ନ ସାଢେ ୫ଟାରୁ ମଧ୍ୟାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ସ୍ଥିରୀକୃତ ସମୟ ସାରଣୀ ଅନୁସାରେ ପୂର୍ବାହ୍ନ ୫ଟା ୩୦ରୁ ୮ଟା ୩୦ ଏବଂ ଅପରାହ୍ନ ୫ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ସାଧାରଣ ଭ୍ରମଣ ଓ ଜଗିଙ୍ଗ୍ କରିପାରିବେ। ସେହିପରି ପୂର୍ବାହ୍ନ ୧୦ ଟାରୁ ମଧ୍ୟାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଜନସାଧାରଣ ବିଜ୍ଞାନ ଭିତ୍ତିକ ଉପକରଣ ବ୍ୟବହାର କରିପାରିବେ। ଏଥିପାଇଁ ମାସିକ ୧୦୦ ଟଙ୍କା ଏବଂ ଦୈନିକ ୮ ଟଙ୍କା ଦେୟ ଧାର୍ଯ୍ୟ ହୋଇଛି। ବିଜ୍ଞାନ ପାର୍କରେ ନିଯୁକ୍ତ ଗାଇଡ୍‌ଙ୍କ ସହାୟତା ପାଇଁ ଅତିରିକ୍ତ ୫୦ ଟଙ୍କା ଦେବାକୁ ହେବ ବୋଲି ଦେୟ ତାଲିକା ପ୍ରକାଶ ପାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସାମୂହିକ ଭ୍ରମଣ କ୍ଷେତ୍ରରେ ରିହାତି ବ୍ୟବସ୍ଥା ରହିଛି। ଜନସାଧାରଣ ଓ ଛାତ୍ରୀଛାତ୍ର ଏହାର ବହୁଳ ବ୍ୟବହାର କରି ସାଧାରଣ ବିଜ୍ଞାନ ଭିତ୍ତିକ ଜ୍ଞାନ ବୃଦ୍ଧି କରିବା ପାଇଁ ଜିଲାପାଳ ଡା. ବୃନ୍ଦା ଡି. ଟୁଇଟ୍ ମାଧ୍ୟମରେ ଅନୁରୋଧ କରିଛନ୍ତି।

ପାର୍କର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଦାୟିତ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀକୁ ଦିଆଯାଇଛି। ଏହି ପାର୍କରେ ରେନ୍‌ଗଜ, ଶକ୍ତି ସଂରକ୍ଷଣ, ଅଟୋମୋବାଇଲ ମଡେଲ, ତରଙ୍ଗ ଗତି, ଗ୍ରାଭିଟ୍ ବଲ, ପିଥାଗୋରାସ ଉପପାଦ୍ୟ, ପର୍ଯ୍ୟାୟ ସାରଣୀ, ଆନିମୋ ମିଟର, ସୂର୍ଯ୍ୟ ଘଡି, ଲିଫଟିଂ ଆଦି ବହୁ ବିଜ୍ଞାନ ପ୍ରକଳ୍ପ ରହିଛି। ଏଥିସହ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ, ସାର୍ ଆଇଜାକ ନିଉଟନ, ସାର ଚନ୍ଦ୍ରଶେଖର ଭେଙ୍କଟରମଣ, ଥୋମାସ ଆଲଭା ଏଡିସନଙ୍କ ପ୍ରତିମୂର୍ତ୍ତି ମଧ ସ୍ଥାପନ କରାଯାଇଛି। ଫୁଲବାଣୀ ପୌର ପରିଷଦ ପକ୍ଷରୁ ୧ କୋଟି ଟଙ୍କା ବ୍ୟୟରେ ଏହି ପାର୍କକୁ ଚେନ୍ନାଇର ଏକ କମ୍ପାନୀ ନିର୍ମାଣ କରିଛି। ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେକ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ, ବିଧାୟକ ଓ ଅନ୍ୟ ଅତିଥିମାନେ।

# ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୧୭।୧୧**

ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା ରବିବାର କନ୍ଧମାଳ ଷ୍ଟାଡ଼ିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏହାକୁ ଉଦ୍‌ଘାଟନ କରିଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ପିଲାମାନଙ୍କ ମଧ୍ୟରେ ୩ ଚକିଆ ସାଇକେଲ୍ ଦୌଡ଼, ହୁଇଲ୍ ଚେୟାର୍ ଦୌଡ଼ ଓ ଶଟ୍‌ପୁଟ୍ ଥ୍ରୋ, ଚିତ୍ରାଙ୍କନ, ୨୦୦ ମିଟର ଦୌଡ଼, ୧୦୦ ମିଟର ଦୌଡ଼ ସହିତ ଲମ୍ଫଡିଆଁ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା, ଆଳୁଚାମୁଚ ଦୌଡ଼ ଓ ସଫ୍ଟବଲ୍ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିବେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଜିଲାପାଳ ଡା. ବୃନ୍ଦା ଡି, ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଦେବେନ୍ଦ୍ର ସାମଲ, ଜିଲା କ୍ରୀଡ଼ା ସଂଘର ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ, ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ଜିଲା ଶାରୀରିକ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବାଲିଗୁଡ଼ା ସ୍ଥିତ ବନବାସୀ ସେବା ସମିତି ଏବଂ ସମସ୍ତ ବ୍ଲକରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା କର୍ମଚାରୀ ମହାମଞ୍ଚର ପୋଷ୍ଟକାର୍ଡ ଅଭିଯାନ



କର୍ମଚାରୀମାନେ ପୋଷ୍ଟକାର୍ଡ ଧରି ଦାବି ଜଣାଉଛନ୍ତି।

**ଫୁଲବାଣୀ ଅଫିସ,୧୭।୧୧**

ଓଡ଼ିଶା କର୍ମଚାରୀ ମହାମଞ୍ଚ ପକ୍ଷରୁ ରବିବାର ଫୁଲବାଣୀସ୍ଥିତ ମୋହନ ଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ କକ୍ଷରେ ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ ହୋଇଛି। ସମସ୍ତ ଆଉଟ ସୋର୍ସିଂ, ଠିକା ଓ ଚୁକ୍ତି ଭିତ୍ତିକ କର୍ମଚାରୀ ଏକାଠି ହୋଇ ପୋଷ୍ଟକାର୍ଡରେ ସେମାନଙ୍କ ଦାବି ଲେଖି ପ୍ରତିବାଦ ଜଣାଇଥିଲେ। କର୍ମଚାରୀମାନେ ଦୀର୍ଘ ବର୍ଷ ହେଲା ୬ରୁ ୮ ହଜାର ଟଙ୍କା ଦରମାରେ କାମ କରୁଛନ୍ତି। ଯାହା ଦିନମଜୁରୀଠାରୁ ବି କମ୍। ସରକାର ଆଉଟ୍‌ସୋର୍ସିଂ ପ୍ରଥା ବନ୍ଦ କରୁ ନାହାନ୍ତି କିମ୍ବା ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉ ନାହାନ୍ତି। ଫଳରେ ଶିକ୍ଷିତଙ୍କ ଭାଗ୍ୟ ଏବେ ଅନ୍ଧକାରମୟ। ପଦବୀକୁ ସ୍ଥାୟୀ କରିବା, ଦରମା ବୃଦ୍ଧି ପାଇଁ ପୋଷ୍ଟ କାର୍ଡ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ନିବେଦନ କରୁଛୁ ବୋଲି ସଂଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ମିଶ୍ର ପ୍ରେସ ବିବୃତିରେ ଜଣାଇଛନ୍ତି। ପଞ୍ଚାୟତସ୍ତରଠୁ ଆରମ୍ଭ କରି ବ୍ଲକ ଏବଂ ଜିଲାରେ କାର୍ଯ୍ୟରତ ବିଭିନ୍ନ ବର୍ଗର କର୍ମଚାରୀ ଏହି ଅଭିଯାନରେ ସାମିଲ ହୋଇଥିଲେ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ